୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.67 Bhubaneswar Sunday April 20 2025 | ୨୭ତମ ବର୍ଷ ସଂଖ୍ୟା-୬୭ ଭୁବନେଶ୍ୱର, ରବିବାର, ଅପ୍ରେଲ ୨୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


## ନବୀନ ନବମ ଥର ସଭାପତି: 'ରାଜ୍ୟ କାର୍ଯ୍ୟକାରିଣୀ'କୁ ନେଇ ସସପେନ୍ସ, ପୁରୁଖାଙ୍କୁ ଡାକିଲେନି

ଭୁବନେଶ୍ୱର,୧୯।୪(ପି.ଏନ): ଉକ୍ଟ ଅରାଜକତା ଓ ତୀବ୍ର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ମଧ୍ୟ ଦେଇ ଗତି କରୁଥିବା ବିଜେଡିର ସଭାପତି ଭାବେ ନବମ ଥର ପାଇଁ ଦାୟିତ୍ୱ ନେଇଛନ୍ତି ନବୀନ ପଟ୍ଟନାୟକ । ମାତ୍ର ଦଳୀୟ ସମ୍ବିଧାନର ପ୍ରାବଧାନକୁ ଅଣଦେଖା କରି 'ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ' ନାମ ସାର୍ବଜନୀନ ନକରି ସିଧାସଳଖ 'ସଭାପତି'ନିର୍ବାଚନ କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ଶଙ୍ଖଭବନରେ ଶନିବାର ଆୟୋଜିତ ବୈଠକରେ ଯୋଗ ଦେଇଥିବା ନେତାଙ୍କ ମଧ୍ୟରୁ କିଏ ଦଳର ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରିଣୀରେ ସ୍ଥାନ ପାଇଛନ୍ତି ତାକୁ ନେଇ ସସପେନ୍ସ ଲାଗି ରହିଛି । ଦଳର ନେତାମାନେ ଏସବୁର ସାମାନ୍ୟ ଟେର ପାଉନଥିବାବେଳେ ନବୀନ ନିବାସ ପଛପଟ ଟୁଙ୍ଗୀ(ଛୋଟ କୋଠରୀ)ରେ ବସି ବିଜେଡିର ଅଘୋଷିତ ସର୍ବ ?ସର୍ବା ଏହି ତାଲିକାକୁ ଚୂଡାନ୍ତ କରୁଥିବାରୁ 'ସଭାପତି'ଙ୍କ ନାମ ଘୋଷଣା ପୂର୍ବରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ନାମ ଘୋଷଣା ସମ୍ଭବପର ହୋଇପାରିନଥିବା ଜଣାପଡିଛି । ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ସିଂ, ଶଶୀ ବେହେରା ଆଦିଙ୍କୁ ମଧ୍ୟ ବୈଠକକୁ ଡକାଯାଇନଥିବା ସୂଚନା ମିଳିଛି । ଏସବୁ ମଧ୍ୟରେ ଦଳୀୟ ସମ୍ବିଧାନ ଅନୁସାରେ କାହିଁକି 'ଟ୍ରଷ୍ଟବୋର୍ଡ ଗଠନ' କରାଯାଇ ଦଳୀୟ ସମ୍ପତ୍ତିର ନିୟନ୍ତ୍ରଣ ଓ ପରିଚାଳନା କରାଯାଉନି ବୋଲି ମଧ୍ୟ ଦଳୀୟ ମହଲରେ ପ୍ରଶ୍ନ ଉଠିଛି ।



**ନବୀନ ନବମ ଥର ସଭାପତି**

ବିଜେଡି ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ରମାଗତ ନବମଥର ପାଇଁ ଦଳର ସଭାପତି ମନୋନୀତ ହୋଇଛନ୍ତି । ଶଙ୍ଖଭବନରେ ଦଳର ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରୀୟ ନେତାମାନଙ୍କ ଉପସ୍ଥିତିରେ ଦଳର ରିଟର୍ଣ୍ଣିଂ ଅଫିସର ପ୍ରତାପ କେଶରୀ ଦେବ ସଭାପତି ଭାବେ ନବୀନଙ୍କ ନାମ ଘୋଷଣା କରିଛନ୍ତି । ବିଜେଡି କ୍ଷମତାରୁ ଯିବାପରେ ପ୍ରଥମଥର ପାଇଁ ଅନୁଷ୍ଠିତ ସାଂଗଠନିକ ନିର୍ବାଚନରେ ନବୀନଙ୍କୁ ସଭାପତି ଭାବେ ଚୟନ କରାଯାଇଛି । ବିଜେଡି ଗଠନ ପରଠୁ ନବୀନ ନିର୍ଦ୍ୱନ୍ଦ୍ୱରେ ଦଳର ସଭାପତି ହେଉଛନ୍ତି । ତେବେ ପ୍ରଥମଥର ପାଇଁ ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟା 'କେବଳ ଧର୍ମକୁ ଆଖିଠାର ମାରିବା' ଭଳି ହୋଇଛି । ଦୀର୍ଘ ୨ଦଶନ୍ଧି ପରେ ଦଳ ପ୍ରଥମଥର ପାଇଁ ଏକକାଳୀନ ୧୫ଟି ଜିଲ୍ଲାରେ ସଭାପତି ବାଛିବାରେ ସକ୍ଷମ ହୋଇପାରିନଥିବାବେଳେ ରାଜ୍ୟ ପରିଷଦରେ ମୋଟ ୩୫୫ଜଣ ସଦସ୍ୟଙ୍କୁ ସାମିଲ କରିବା ମଧ୍ୟ ସମ୍ଭବପର ହୋଇପାରିନି । ସେହିପରି ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ ପାଇଁ ୮୧ଜଣ ସଦସ୍ୟଙ୍କୁ ଚୟନ ନିମନ୍ତେ ଆବଶ୍ୟକ ନିର୍ବାଚନ ପ୍ରକ୍ରିୟା ମଧ୍ୟ ଶେଷ ହୋଇଥିଲେ ମଧ୍ୟ ସେହି ତାଲିକା ଘୋଷଣା କରିବାରେ ରିଟର୍ଣ୍ଣିଂ ଅଧିକାରୀ ଫେଲ୍ ମାରିଛନ୍ତି । ଯଦିଓ ପୂର୍ବର ନିର୍ବାଚନବେଳେ ରିଟର୍ଣ୍ଣିଂ ଅଧିକାରୀ ନିଜେ 'ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ'ଙ୍କ ନାଁ ଘୋଷଣା କରିଥାନ୍ତି । ଦଳୀୟ ସମ୍ବିଧାନ ଅନୁସାରେ, ରାଜ୍ୟ କାର୍ଯ୍ୟକାରିଣୀରେ ସାମିଲ ହେବାକୁ ଥିବା ପ୍ରତ୍ୟେକ ପ୍ରାର୍ଥୀ ନିଜର ଜଣେ ପ୍ରସ୍ତାବକ ଓ ଜଣେ ସମର୍ଥକଙ୍କୁ ଦସ୍ତଖତରେ 'ନାମାଙ୍କନ ପତ୍ର' ଦାଖଲ କରିବାର ପ୍ରାବଧାନ ରହିଛି । ମାତ୍ର ଚଳିତଥର ସେଭଳି କିଛି ନକରି ଧର୍ମକୁ ଆଖିଠାର ମାରିବା ଭଳି ପ୍ରକ୍ରିୟା ଶେଷ ହୋଇଥିବା ଜଣାପଡିଛି ।

**ନବୀନ ନିବାସ ଟୁଙ୍ଗୀ ଓ ସର୍ବ ?ସର୍ବାଙ୍କ ପ୍ରତି ଆନୁଗତ୍ୟ**

ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର ଓ ଉପଦେଷ୍ଟା କମିଟି ଅଧ୍ୟକ୍ଷ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ଦଳର ବର୍ତ୍ତମାନର କୋରଟିମ୍ ସଦସ୍ୟମାନଙ୍କୁ ଅଣଦେଖା କରି 'ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ' ତାଲିକା ପ୍ରସ୍ତୁତ ହୋଇଥିବା ଜଣାପଡିଛି । ବିଜେଡିର ଅଘୋଷିତ ସର୍ବ ?ସର୍ବା ଏବେ ପ୍ରଚ୍ଛଦପଟ୍ଟରେ ରହି ତାଙ୍କ ଖାସ୍ ଅନୁଗତ ବବିଙ୍କ ମାଧ୍ୟମରେ ତାଲିକାକୁ ଚୂଡାନ୍ତ ରୂପ ଦେଉଛନ୍ତି । ବବି ମଧ୍ୟ ସେହି ସର୍ବ ?ସର୍ବାଙ୍କ ପ୍ରତି ନିଜର ଆନୁଗତ୍ୟ ଦେଖାଇ ଦଳୀୟ ନେତାମାନଙ୍କ ପାଖରେ 'ଏଘରମାଉସୀ ସେଘର ପିଉସୀ' ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ଚର୍ଚ୍ଚା ହେଉଛି । ବବି ତାଙ୍କର ଅନୁଗତ ପ୍ରତାପ ଦେବଙ୍କୁ ଧରି ଏହି ତାଲିକା ପ୍ରସ୍ତୁତ କରିଛନ୍ତି । ଯାହାକୁ ନବୀନ ନିବାସର ପଛପଟ ଛୋଟ କୋଠରୀରେ ବସି ଦଳର ଅଘୋଷିତ ସର୍ବ ?ସର୍ବା ଚୂଡାନ୍ତ ରୂପ ଦେଉଥିବା ଜଣାପଡିଛି । ଯେଉଁଥିପାଇଁ ଶନିବାର ଦଳର ସଭାପତିଙ୍କ ନାମ ଘୋଷଣା ପୂର୍ବରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ନାମ ଘୋଷଣା ସମ୍ଭବପର ହୋଇପାରିନଥିଲା । ଦଳର ବିଭିନ୍ନ ବର୍ଗର ନେତାମାନଙ୍କ ସହ ବିଚାରବିମର୍ଶ ନକରି ଦଳୀୟ ସମ୍ବିଧାନକୁ ଖୋଲାଖୋଲି ଉଲ୍ଲଙ୍ଘନ କରି ବବି-ପ୍ରତାପ ଦେବ 'ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ'ଙ୍କ ତାଲିକା ପ୍ରସ୍ତୁତ କରି ନବୀନ ନିବାସ ପଠାଇଛନ୍ତି । ଯାହାକୁ ନବୀନ ନିବାସ ଟୁଙ୍ଗୀରେ ବସୁଥିବା ଦଳର ଅଘୋଷିତ ଓ ଅଦୃଶ୍ୟ ସର୍ବ ?ସର୍ବା ଚୂଡାନ୍ତ ରୂପ ଦେବେ ଏବଂ ନବୀନଙ୍କ ଦସ୍ତଖତରେ ଏହା ଖୁବଶୀଘ୍ର ସାର୍ବଜନୀନ ହେବ ବୋଲି ଚର୍ଚ୍ଚା ହେଉଛି ।

**ଦଳର ଟ୍ରଷ୍ଟ ବୋର୍ଡ ଏବେ କଂଟା**

୨୪ବର୍ଷର ଶାସନର ଅପ୍ରତ୍ୟାଶିତ ଅନ୍ତ ପରେ ବିଜେଡିରେ ଗୋଷ୍ଠୀକନ୍ଦଳ ତୀବ୍ର ହୋଇଛି । ଦଳର ପାଣ୍ଠି କାହାପାଖରେ ରହିଛି ତାକୁ ନେଇ ଛକାପଞ୍ଝା ଜାରି ରହିଛି । ମାତ୍ର ଦଳର ସମ୍ବିଧାନର ଧାରା-ଏକ୍ସଆଇଏକ୍ସ(୭)ର ପ୍ରାବଧାନ ଅନୁସାରେ, ରାଜ୍ୟ କାର୍ଯ୍ୟକାରିଣୀ ଦଳର ସମସ୍ତ ସମ୍ପତ୍ତି ପରିଚାଳନା ପାଇଁ ନିଶ୍ଚିତ ଭାବେ ୭ଜଣିଆ ଟ୍ରଷ୍ଟ ବୋର୍ଡ ଗଠନ କରାଯିବ । ଏହି ବୋର୍ଡର ଅଧ୍ୟକ୍ଷ ଦଳର ସଭାପତି ହେବେ ଓ ଏକ୍ସ-ଅଫିସିଓ ସଦସ୍ୟ ଭାବେ ଦଳର କୋଷାଧ୍ୟକ୍ଷ କାର୍ଯ୍ୟ କରିବେ । ଏହି ବୋର୍ଡର କାର୍ଯ୍ୟକାଳ ୩ବର୍ଷ ହେବ । ଯଦି ଏହି ଟ୍ରଷ୍ଟ ଗଠନ ହେଲେ ଦଳର ଘୋଷିତ ଓ ଅଘୋଷିତ ପାଣ୍ଠି କେଉଁଠି ରହିଛି ତାହା ଅନ୍ୟ ସଦସ୍ୟମାନେ ଜାଣିପାରିବେ । ଯେହେତୁ ଏପର୍ଯ୍ୟନ୍ତ ବିଜେଡିର ପାଣ୍ଠି କେଉଁଠି ରହିଛି ତାହା କେବଳ ନବୀନ,ପାଣ୍ଡିଆନ ଓ ବବିଙ୍କ ମଧ୍ୟରେ ସୀମିତ ଅଛି । ତେଣୁ ଏହି ଟ୍ରଷ୍ଟ ବୋର୍ଡ ଗଠନ କଲେ ସେସବୁ ପଦାରେ ପଡିବାର ଆଶଙ୍କା କରି ଉଦ୍ଦେଶ୍ୟମୂଳକ ଭାବେ ଏହି ଟ୍ରଷ୍ଟ ବୋର୍ଡ ଗଠନ କରାଯାଉନଥିବା ଜଣାପଡିଛି ।

**ବୈଠକକୁ ଆସିଲେନି ପୁରୁଖା ନେତା, ଶ୍ରୀମୟୀଙ୍କ କଟାକ୍ଷ**

ଶଙ୍ଖଭବନରେ ଶନିବାର ଆୟୋଜିତ ସାଂଗଠନିକ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ବୈଠକରେ ବରିଷ୍ଠ ନେତାମାନଙ୍କୁ ଦେଖିବାକୁ ମିଳିନଥିଲା । ବରିଷ୍ଠ ନେତା ପ୍ରଫୁଲ୍ଲ ମଲ୍ଲିକ, ଶଶୀଭୂଷଣ ବେହେରା, ରଣେନ୍ଦ୍ରପ୍ରତାପ ସ୍ୱାଇଁ, ଭୂପିନ୍ଦର ସିଂ, ସସ୍ମିତ ପାତ୍ର, ସୁଲତା ଦେଓ, ଶ୍ରୀମୟୀ ମିଶ୍ର,ନିରଞ୍ଜନ ବିଶି ଓ ସନାତନ ମହାକୁଡ ପ୍ରମୁଖ ଅନୁପସ୍ଥିତ ରହିଥିଲେ । ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର ତାଙ୍କ ସୋସିଆଲ ମିଡିଆରେ ଆଲେକଜାଣ୍ଡାରଙ୍କ ଏକ ଫଟୋଚିତ୍ର ଓ ତାଙ୍କର ବାଣୀକୁ ଶେୟାର କରି ଲେଖିଛନ୍ତି ଯେ "ସମୟ ଓ ଜୁଆର କାହାପାଇଁ ଅପେକ୍ଷା କରେନାହିଁ । ଦିନେ ଇତିହାସର ସ୍ରଷ୍ଟା ମଧ୍ୟ ଇତିହାସ ହୋଇଯାଏ । ଇତିହାସର ଲେଖକ ମଧ୍ୟ ଇତିହାସ ହୋଇଯାଏ । ମୁଁ ବିଜୟ ଚୋରି କରେ ନାହିଁ ।" ଶ୍ରୀମୟୀ ଏଭଳି ଲେଖି କାହାକୁ କ'ଣ କଟାକ୍ଷ ଓ ଇସାରା ଦେବାକୁ ଚାହିଁଛନ୍ତି ତାହା ଜଣାପଡିନି । ମାତ୍ର ସୋସିଆଲ ମିଡିଆରେ ଏହା ବେଶ୍ ଭାଇରାଲ ହେବାରେ ଲାଗିଛି । ପ୍ରଫୁଲ୍ଲ ମଲ୍ଲିକ, ଭୂପିନ୍ଦର ଓ ଶଶୀ ବେହେରାଙ୍କୁ ଆଜିର ବୈଠକକୁ ଡକାଯାଇନଥିବା ସୂଚନା ମିଳିଛି ।

## ଘରୋଇ କମ୍ପାନୀ ଦେଉଛନ୍ତି ରିହାତି, ଲୁଟିବାରେ ବ୍ୟସ୍ତ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ



ଭୁବନେଶ୍ୱର,୧୯।୪(ପି.ଏନ): ବିଚିତ୍ର ସ୍ଥିତି ସୃଷ୍ଟି କଲେଣି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ । ଅଶୋଧିତ ତୈଳ ଦର କମି ୬୦ ଡଲାରରୁ ୭୦ ଡଲାର ଭିତରେ ରହୁଛି । ହେଲେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ପେଟ୍ରୋଲ ଓ ଡିଜେଲର ଖୁଚୁରା ଦର କମାଉ ନାହାନ୍ତି । ସେପଟେ ଘରୋଇ ତୈଳ ବିପଣନ କମ୍ପାନୀ ରିଲାଏନ୍ସର ଜିଓ ଟାଙ୍କିରେ ଅଫର ଚାଲିଛି । ଡିଜେଲ ଲିଟର ପିଛା ୩ ଟଙ୍କା ରିହାତି ଘୋଷଣା କରିଛନ୍ତି । ଯାହା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ଖୁଚୁରା ବେପାରକୁ ପ୍ରଭାବିତ କଲାଣି । ନା କେନ୍ଦ୍ର ସରକାର ମୁଣ୍ଡ ପୂରାଉଛନ୍ତି ନା ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ଖାତିର ଅଛି ବୋଲି ଅଭିଯୋଗ କରିଛି ଡିଲର ଆସୋସିଏସନ୍ । ପୁଳା ପୁଳା ଟିକସରେ ଭରି ଯାଉଛି ଟ୍ରେଜେରୀ । ସେପଟେ ଶୀଘ୍ର କିଲୋ ପିଛା ୨ଟଙ୍କାରୁ ୪ ଟଙ୍କା ବଢିବାକୁ ଯାଉଛି ସିଏନଜି ଗ୍ୟାସ ଦର ।ସାଧାରଣ ଖାଉଟିଙ୍କ ପାଇଁ ଖୁଚୁରା ପେଟ୍ରୋଲ ଓ ଡିଜେଲ ଦରରେ କୌଣସି ରିହାତି ନାହିଁ । କୁଆଡ଼ ? ଗଲା ପେଟ୍ରୋଲିୟମ ମନ୍ତ୍ରୀଙ୍କ ସ୍ଥିର ଦର ଥିଓରୀ ? ଅଶୋଧିତ ତୈଳଦର ସ୍ଥିର ରହିଲେ ଖୁଚୁରା ପେଟ୍ରୋଲ ଓ ଡିଜେଲ ଦର କମିବ । ଏବେ ଦୁଇ ସପ୍ତାହ ଉପରେ ହେଲାଣି ଅଶୋଧିତ ତୈଳ ଦର ୬୦ରୁ ୭୦ ଡଲାର ଭିତରେ ରହୁଛି । ହେଲେ ସାଧାରଣ ଗ୍ରାହକଙ୍କୁ ୧୦୧ ଟଙ୍କାରେ ପେଟ୍ରୋଲ ବିକି ଶୋଷି ଚାଲିଛନ୍ତି ରାଷ୍ଟ୍ରାୟତ୍ତ କମ୍ପାନୀ । ଏବେ ରିଲାଏନ୍ସ ଜିଓ ଟାଙ୍କିରେ ଡିଜେଲ ଲିଟର ପିଛା ୩ ଟଙ୍କା ରିହାତି ଅଫର ଚାଲିଲାଣି । ଖୁଚୁରା ଗ୍ରାହକ ସିନା ପାଖରେ ଜିଓ ଟାଙ୍କି ପାଉନାହାନ୍ତି । କିନ୍ତୁ ବଡ଼ ଠିକାଦାର ହୁଅନ୍ତୁ କି କମ୍ପାନୀ ଯାହାର ମୋଟ ପରିମାଣରେ ଡିଜେଲ ଆବଶ୍ୟକ ରିହାତି ଦରରେ ଘରୋଇ କମ୍ପାନୀଙ୍କଠୁ ଡିଜେଲ କିଣୁଛନ୍ତି ।ଉତ୍ପାଦ ଶୁଳ୍କ ବଢାଇ କେନ୍ଦ୍ର ଲକ୍ଷାଧିକ କୋଟି ଲାଭ କଲାଣି । ଖୁଚୁରା ବେପାର ମାନ୍ଦା ଧରିଲାଣି । ୨୦୨୨ରୁ ବନ୍ଦ ଥିବା ଡାଇନାମିକ ପ୍ରାଇସ ମେକାନିଜିମ କାହିଁକି ପୁଣି ଥରେ ଚାଲୁ ହେଉନି ? କ'ଣ ପାଇଁ ଚୁପ କେନ୍ଦ୍ର ସରକାର ଓ ତୈଳ କମ୍ପାନୀ ? କେନ୍ଦ୍ର ସରକାର ଓ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଙ୍କ ଆଗରେ ଲୋକଙ୍କ ସ୍ୱାର୍ଥ ବଡ଼ ନୁହେଁ । ଖାଲି ଆମଦାନୀ ଚିନ୍ତା ? ଏ ନେଇ ପ୍ରଶ୍ନ ଉଠାଇଛି ଖୋଦ ପେଟ୍ରୋଲିୟମ ଡିଲର ଆସୋସିଏସନ୍ । ସେପଟେ ଭାରତୀୟ ତୈଳ କ୍ଷେତ୍ରରୁ ସିଏନଜି ଗ୍ୟାସ କମ୍ ବାହାରୁଥିବାରୁ ଚାହିଦା ପୂରଣ ପାଇଁ ବିଦେଶରୁ ଆମଦାନୀ କରିବାକୁ ପଡ଼ିବ। ଏଥିପାଇଁ କିଲୋ ପ୍ରତି ୨ରୁ ୪ ଟଙ୍କା ବଢିବା ସମ୍ଭାବନା ଦେଖାଦେଇଛି । ପେଟ୍ରୋଲର ବେସ୍ ପ୍ରାଇସ ୫୨ ଟଙ୍କା ୮୪ ପଇସା ଓ ଡିଜେଲର ବେସ୍ ପ୍ରାଇସ୍ ୫୩ ଟଙ୍କା ୭୬ ପଇସା । କେନ୍ଦ୍ର ସରକାରଙ୍କ ଉତ୍ପାଦ ଶୁଳ୍କ ଓ ରାଜ୍ୟ ସରକାରଙ୍କ ଭାଟ ଟିକସ ମିଶି ଶତ ପ୍ରତିଶତ ଟିକସ ଯୋଗୁଁ ଭାରତରେ ଚଢ଼ା ଦରରେ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଛି । କେନ୍ଦ୍ର ଓ ରାଜ୍ୟ ବର୍ଷକୁ ସାଢେ ୭ ଲକ୍ଷ କୋଟି ଟଙ୍କା ଟିକସ ନେଉଛନ୍ତି । ଏହା ବ୍ୟତୀତ ତୈଳ ବିପଣନ କମ୍ପାନୀ ବାର୍ଷିକ ଦେଢ଼ ଲକ୍ଷ କୋଟି ଲାଭ କରୁଛନ୍ତି । ଯେଉଁଠି ସମାନ ଦରରେ ଘରୋଇ କମ୍ପାନୀ କିଣି ରିଫାଇନିଂ କରି ଗ୍ରାହକଙ୍କୁ ରିହାତି ଦେଇପାରୁଛନ୍ତି ସେଠି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ କାହିଁକି ଲୋକଙ୍କୁ ଦେଇପାରିବେନି ? କିନ୍ତୁ ସାଧାରଣ ଲୋକ ଆଜି ବି ପ୍ରତିକ୍ରିୟାଶୀଳ ହେଉ ନଥିବାରୁ ସରକାର ଓ କମ୍ପାନୀଙ୍କୁ ଚଢ଼ା ଦର ନେବାକୁ ସୁବିଧା ମିଳୁଥିବା କହିଛନ୍ତି ଆର୍ଥନୀତି ବିଶେଷଜ୍ଞ ରାଜ ନାରାୟଣ ତ୍ରିପାଠୀ । ଅଶୋଧିତ ତୈଳ ଦର ଆହୁରି କମିବ ।

## ଷଷ୍ଠ ଶ୍ରେଣୀ ଛାତ୍ରୀ ୬ ମାସର ଗର୍ଭବତୀ

ରାୟଗଡ଼ା,୧୯।୪(ପି.ଏନ): ରାଜ୍ୟରେ ପୁଣି ଜଣେ ଛାତ୍ରୀ ଗର୍ଭବତୀ । ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପୁଣି ଜଣେ ଷଷ୍ଠ ଶ୍ରେଣୀର ଛାତ୍ରୀ ୬ ମାସର ଗର୍ଭବତୀ । ଘଟଣା ଜଣାପଡିବା ପରେ ଆଶା ଓ ଅଙ୍ଗନବାଡି କର୍ମୀଙ୍କ ସହଯୋଗରେ ରାୟଗଡ଼ା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନାବାଳିକାକୁ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରିଛି । ପୀଡ଼ିତା ନାବାଳିକାଙ୍କୁ ସମସ୍ତ ବିଷୟରେ ପଚାରି ବୁଝିଛି ଜିଲ୍ଲା ଶିଶୁ କଲ୍ୟାଣ କମିଟି ।ମିଳିଥିବା ସୂଚନା ଅନୁସାରେ. ନାବାଳିକାଙ୍କ ସହିତ ରାୟଗଡ଼ା ସଦର ବ୍ଲକର ଜଣେ ୧୭ ବର୍ଷୀୟ ନାବାଳକଙ୍କ ପ୍ରେମ ସମ୍ପର୍କ ଥିଲା । ଶାରୀରିକ ସମ୍ପର୍କରୁ ନାବାଳିକା ଜଣଙ୍କ ଗର୍ଭବତୀ ହୋଇଥିବା ଜାଣିବା ପରେ ପୀଡ଼ିତାଙ୍କୁ ତାଙ୍କ ପରିବାର ଲୋକେ ନାବାଳକଙ୍କ ଘରେ ଛାଡ଼ି ଦେଇଥିଲେ । ଘଟଣାରେ ଖବର ପ୍ରଚାରିତ ହେବା ପରେ ରାୟଗଡା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନାବାଳିକାକୁ ଉଦ୍ଧାର କରି ସିଡବ୍ଲୁସିକୁ ହସ୍ତାନ୍ତର କରିଛି । ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ସିଡବ୍ଲୁସି ଅଧ୍ୟକ୍ଷ୍ୟ ।

## ଲାଞ୍ଚ ନେଇ ଧରାପଡିଲେ ଅତିରିକ୍ତ ତହସିଲଦାର, ବାନ୍ଧିଲା ଭିଜିଲାନ୍ସ

ସମ୍ବଲପୁର,୧୯।୪(ପି.ଏନ): ଲାଞ୍ଚ ନେଇ ଧରାପଡିଛନ୍ତି ସମ୍ବଲପୁର ଜିଲା ମାନେଶ୍ୱର ତହସିଲର ଅତିରିକ୍ତ ତହସିଲଦାର ଭୁବନାନନ୍ଦ ସାହୁ । କୃଷି ଜମିକୁ ଅଣ-କୃଷି (ଘର) ଉଦ୍ଦେଶ୍ୟରେ ପରିବର୍ତ୍ତନ କରିବା ଏବଂ ତାଙ୍କ ସପକ୍ଷରେ ଜଙଜ ପ୍ରଦାନ କରିବା ପାଇଁ ଅଭିଯୋଗକାରୀଙ୍କୁ ୬୦୦୦ ଟଙ୍କା ଲାଞ୍ଚ ମାଗୁଥିଲେ । ପ୍ରଥମେ, ସାହୁ ୧୦୦୦୦ ଟଙ୍କା ଲାଞ୍ଚ ଦାବି କରିଥିଲେ, କିନ୍ତୁ ପରେ, ସେ ଲାଞ୍ଚ ପରିମାଣକୁ ୬୦୦୦ ଟଙ୍କାକୁ ହ୍ରାସ କରିଥିଲେ। ଲାଞ୍ଚ ନଦେଲେ କାମ କରିବାକୁ ଶ୍ରୀ ସାହୁ ମନା କରିଦେବାରୁ, ଅଭିଯୋଗକାରୀ ଶ୍ରୀ ସାହୁଙ୍କ ଦ୍ୱାରା ତାଙ୍କୁ



ହଇରାଣ କରାଯାଇଥିବା ଅଭିଯୋଗ କରି ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ମାମଲା ରିପୋର୍ଟ କରିଥିଲେ। ଏହା ପରେ, ଓଡ଼ିଶା ଭିଜିଲାନ୍ସର ଏକ ଦଳ ଆଜି ଶ୍ରୀ ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଠାରୁ ୬୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ ଶ୍ରୀ ସାହୁଙ୍କଠାରୁ ସମସ୍ତ ଲାଞ୍ଚ ଟଙ୍କା ଉଦ୍ଧାର କରାଯାଇ ଜବତ କରାଯାଇଛି ।ଗିରଫ ପରେ ଏକକାଳୀନ ୩ଟି ସ୍ଥାନରେ ଚଢ଼ାଉ ଜାରି ରହିଛି । ତେବେ ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତିର ଆକଳନ ରିପୋର୍ଟ ପ୍ରକାଶ ପାଇନାହିଁ । ଚଢ଼ାଉ ଶେଷ ପରେ ସବିଶେଷ ତଥ୍ୟ ସାମ୍ନାକୁ ଆସିବ ବୋଲି ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି।

## ରାଜ୍ୟପାଳଙ୍କ ପୁରୀ ଗସ୍ତ ବେଳେ ପାୱାର କଟ୍, ଅନ୍ଧାରରେ ବୁଲିଲେ

ପୁରୀ,୧୯।୪(ପି.ଏନ): ଜଗନ୍ନାଥ ଧାମ ପୁରୀରେ ଶକ୍ତି ବିଭାଗର ଅପାରଗତା । ଅନ୍ଧାରରେ ବୁଲିଲେ ରାଜ୍ୟପାଳ । ରାଜ୍ୟପାଳଙ୍କ ଗସ୍ତବେଳେ ହେଲା ପାୱାର କଟ୍ । ଅନ୍ଧାରରେ ଘଣ୍ଟେ କାଳ ବୁଲିଲେ ରାଜ୍ୟପାଳ କେ. ହରିବାବୁ କମ୍ଭମପାଟି ।ଏଭଳି ଘଟଣା ଘଟିଛି ପୁରୀ ଭିଆଇପି ରୋଡସ୍ଥିତ ବୈଷ୍ଣବ ଦେବୀ ଗଳିରେ । ଆଜି ରାଜ୍ୟପାଳ ପୁରୀରେ ବିଭିନ୍ନ ଉନ୍ନୟନମୂଳକ କାମ ସମୀକ୍ଷା କରିବା ପରେ ପ୍ରଧାନମନ୍ତ୍ରୀ ଆବାସିକ ଯୋଜନା ମାଧ୍ୟମରେ ପାଇଥିବା ହିତାଧିକାରୀଙ୍କ ଘର ପରିଦର୍ଶନ କରିବାକୁ ଯାଇଥିଲେ ।

## ରାଜ୍ୟରେ କାଳବୈଶାଖୀ ପ୍ରଭାବ, ୨୦ ନୁହେଁ ୨୫ ଯାଏଁ ପ୍ରବଳ ଝଡ଼ ବର୍ଷା

ଭୁବନେଶ୍ୱର,୧୯।୪(ପି.ଏନ): ରାଜ୍ୟରେ ଏବେ ଜାରି ରହିଛି କାଳବୈଶାଖୀ ପ୍ରଭାବ। ୨୦ ତାରିଖରୁ ବର୍ଷା କମିବା ସହ ଖରାର ପ୍ରକୋପ ବଢିବା ନେଇ ଅନୁମାନ କରାଯାଉଥିଲା। ହେଲେ ଏବେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ସତର୍କ କରିଛି କି, ୨୦ ତାରିଖ ନୁହେଁ ୨୫ ତାରିଖ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ଜାରି ରହିବ ।ଆଜିଠୁ ପୁଣି ୨୫ ତାରିଖ ଯାଏଁ ରାଜ୍ୟକୁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆହୁରି ୬ ଦିନ ରାଜ୍ୟରେ ପ୍ରବଳ ଝଡ ବର୍ଷା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ।ଜ୍ୟର ବିଭିନ୍ନ ସ୍ଥାନ ମାନଙ୍କରେ ଘଡ଼ଘଡ଼ି ଓ କୁଆପଥର ବର୍ଷା ନେଇ ସତର୍କ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ଏହାସହ ଆଜିଠାରୁ ଆସନ୍ତା କାଲି ସକାଳ ୮.୩୦ ଯାଏଁ ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଆଉ ଏହି ୯ ଜିଲ୍ଲା ଗୁଡ଼ିକ ହେଉଛି ମୟୁରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଏବଂ ନବରଙ୍ଗପୁର। ଆଉ ଏହିସବୁ ଜିଲ୍ଲା ମାନଙ୍କରେ ୫୦ ରୁ ୬୦ କିମି ବେଗରେ ପବନ ବହିବା ସହ ଝଡ଼ ତୋଫାନ, କୁଆପଥର ବର୍ଷା ନେଇ ସତର୍କତା ଜାରି ହୋଇଛି ।ସେହିଭଳି ଆଜି ପାଇଁ ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼ ଓ ବଲାଙ୍ଗୀର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ସେହିପରି ଆସନ୍ତା କାଲିପାଇଁ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ନେଇ ସତର୍କ କରିଛି ପାଣିପାଗ ବିଭାଗ।






## ବାଙ୍କୀ ନବୋଦୟ ହଷ୍ଟେଲରେ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖି ରଙ୍ଗମିସ୍ତ୍ରୀ ଗିରଫ, କେତେ ସୁରକ୍ଷିତ ଛାତ୍ରାବାସ ?

ଭୁବନେଶ୍ୱର,୧୯।୪(ପି.ଏନ): ବାଙ୍କୀ ନବୋଦୟ ବିଦ୍ୟାଳୟ ହଷ୍ଟେଲରୁ ଆସିଲା ସାଂଘାତିକ ଅଭିଯୋଗ । ଛାତ୍ରାବାସରେ ପଶି ଜଣେ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲେ ରଙ୍ଗମିସ୍ତ୍ରୀ । ଘଟଣା ପ୍ରଘଟ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିବା ବେଳେ ହଷ୍ଟେଲର ସୁରକ୍ଷା ବ୍ୟବସ୍ଥା ନେଇ ଉଠିଛି ପ୍ରଶ୍ନ । ଛାତ୍ରାବାସରେ ଘଟିଥିବା ଏହି ଲଜ୍ଜାଜନକ ଘଟଣା ପରେ ଏଠାର ଅନ୍ତେବାସୀ ଛାତ୍ରଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ ଓ ଅଭିଭାବକ । ଏଥିପାଇଁ ପ୍ରିନ୍ସପାଲ ଓ ହଷ୍ଟେଲ ୱାର୍ଡେନଙ୍କ ଅବହେଳାକୁ ଦାୟୀ କରାଯାଉଛି ।କେତେ ସୁରକ୍ଷିତ ଛାତ୍ର ହଷ୍ଟେଲ ? ଛାତ୍ରାବାସରେ ରାତିରେ ପଶୁଛନ୍ତି ଅପରାଧୀ । ଅଧ୍ୟକ୍ଷ ଓ ୱାର୍ଡେନଙ୍କ ନିକଟରେ ନାହିଁ ଖବର । ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖି ରଙ୍ଗମିସ୍ତ୍ରି ଗିରଫ । ଏମିତି ଏକ ସାଂଘାତିକ ଅଭିଯୋଗ ଆସିଛି ବାରଙ୍ଗ ଥାନା ମୁଣ୍ଡଳି ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରାବାସରୁ । ରାତିରେ



ହଷ୍ଟେଲ ଭିତରେ ପଶି ଜଣେ ରଙ୍ଗ ମିସ୍ତ୍ରୀ ନାବାଳକଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିଛି । ଏହି ଘଟଣା ପରେ ହଷ୍ଟେଲରେ ଛାତ୍ରଙ୍କ ସୁରକ୍ଷା ନେଇ ଉଠିଛି ପ୍ରଶ୍ନ । ପ୍ରିନ୍ସପାଲ ଓ ହଷ୍ଟେଲ ୱାର୍ଡେନଙ୍କ ଦାୟିତ୍ୱହୀନତା କାରଣରୁ ଏପରି ଘଟିଥିବା ଅଭିଯୋଗ କରିଛନ୍ତି ବୁଦ୍ଧିଜୀବୀ ଓ ଅଭିଭାବକ । ଘଟଣା ପରେ ଉଭୟ ଅଧିକାରୀଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।୪ ଦିନ ତଳେ ଘଟିଥିଲା ଏପରି ଘଟଣା । ଠିକା ସଂସ୍ଥା ପକ୍ଷରୁ ହଷ୍ଟେଲରେ ମରାମତି କାର୍ଯ୍ୟ ଚାଲିଛି । ଅଭିଯୁକ୍ତ ରଙ୍ଗମିସ୍ତ୍ରୀ ନାବାଳକଙ୍କୁ ପ୍ରଲୋଭିତ କରିବା ସହ ଅସୁସ୍ଥତା ଦର୍ଶାଇ ହଷ୍ଟେଲରେ ରହିଥିବା ଅଭିଯୋଗ ହୋଇଛି । ଘଟଣା ପରେ ଛାତ୍ର ଜଣକ ମାନସିକ ଓ ଶାରୀରିକ ସ୍ତରରେ ଅସୁସ୍ଥ ହୋଇ ଜଣେ ସାଙ୍ଗଙ୍କୁ ଘଟଣା ସମ୍ପର୍କରେ କହିବା ପରେ କଥା ସାମ୍ନାକୁ ଆସିଥିଲା । ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ ହେବା ପରେ ଅଭିଯୁକ୍ତ ରଙ୍ଗ ମିସ୍ତ୍ରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ୍ । ସେପଟେ ଅଧ୍ୟକ୍ଷଙ୍କ କହିବା କଥା, ଅସୁସ୍ଥତା ଦର୍ଶାଇ ଶ୍ରମିକ ରହିବାକୁ ଅନୁମତି ମାଗିଥିଲେ । ଛାତ୍ର ଓ ଶ୍ରମିକ ଗୋଟିଏ ଜିଲ୍ଲାର ଥିବାରୁ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ହୋଇଥିଲା । ତେବେ ଘଟଣା ପରେ ଆମେ ପୋଲିସକୁ ଜଣାଇଛୁ । ସିକ୍ୟୁରିଟି ନେଇ କୌଣସି କମ୍ପ୍ରମାଇଜ କରାଯାଏ ନାହିଁ ।ଏଠି ପ୍ରଶ୍ନ ଉଠୁଛି । ଘଟଣା ସମ୍ପର୍କରେ କିପରି ଜାଣି ପାରିଲେନି କର୍ତ୍ତୃପକ୍ଷ ? ଜାଣିବା ପରେ ଲୁଚାଇବାକୁ ଉଦ୍ୟମ କରାଯାଇଛି କି ? ଟାଇଟ୍ ସିକ୍ୟୁରିଟି ଭିତରେ ଏପରି ଲଜ୍ଜାଜନକ ଘଟଣା ଘଟିଲା କିପରି ? ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଛାତ୍ରଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ଦାବି ହୋଇଛି ।






# ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର, ଲାଗିଛି ୧୬୦୦ ହୀରା





**ଆ**ପଣ ତ ଘରେ ଅନେକ ସମୟରେ ଚା ପିଉଥିବେ। କେବଳ ଆପଣ ନୁହଁନ୍ତି ବରଂ ଭାରତର ସବୁଠାରୁ ଅଧିକ ଲୋକ ପାନୀୟ ଭାବେ ଚା ପିଇଥାନ୍ତି। ଅଧିକାଂଶ ଲୋକ ଚା 'ପିଇବା ସହିତ ସକାଳ ଆରମ୍ଭ କରନ୍ତି। ଦେଶରେ ବିଭିନ୍ନ ଢଙ୍ଗରେ ଚା ପ୍ରସ୍ତୁତ କରାଯାଏ। ଯେମିତିକି ମସାଲା ଚା, ଗୁଜୁରାତି ଚା, ଅଦା ଚା କୁ ଅଧିକାଂଶ ଲୋକ ପସନ୍ଦ କରୁଥିବାବେଳେ ଅତିଥିମାନଙ୍କୁ ଚା 'ଦେବାବେଳେ ପ୍ରାୟ ଲୋକ ଚା କପ ସହ ଚାମଚ ଏବଂ ପ୍ଲେଟ ବ୍ୟବହାର କରିଥାନ୍ତି। ତେବେ ଆମେ ଯଦି ଆପଣଙ୍କୁ କହିବୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ ଆପଣ ଜାଣିଛନ୍ତି କି? ତେବେ ଆପଣ ବୋଧେ ଜାଣିନଥିବେ। ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ କହିବୁ, ଯାହାର ମୂଲ୍ୟ ଶୁଣିବା ପରେ ଆପଣଙ୍କ ହୋସ ଉଡିଯିବ। ଗିନିଜ ୱାର୍ଲ୍ଡ ରେକର୍ଡ ଇନଷ୍ଟାଗ୍ରାମରେ ଦୁନିଆର ସବୁଠୁ ଦାମୀ ଚା ପାତ୍ରର ଫଟୋ ସେୟାର କରିଛି। ଏହି ଚା ପାତ୍ରର ମୂଲ୍ୟ ପ୍ରାୟ ୩ ମିଲିୟନ ଡଲାର ହୋଇଥିବାବେଳେ ଏହାକୁ ଇଟାଲୀର ଜଣେ ଅଳଙ୍କାର ନିର୍ମାତା ଫୁଲ୍ଭିଓ ସ୍କୋଭିଆ ତିଆରି କରିଥିଲେ। ତେବେ ଆପଣ ପଚାରିବେ ଏହାର ମୂଲ୍ୟ ଏତେ ଅଧିକ କାହିଁକି? ବାସ୍ତବରେ ଏହି ଚା ପାତ୍ରରେ ସୁନା ଓ ରୂପା ବ୍ୟବହୃତ ହୋଇଥିବାବେଳେ ଏଥିରେ ୧୬୫୮ଟି ହୀରା ଲାଗିଛି। ଏହାର ହ୍ୟାଣ୍ଡେଲ ପାଇଁ ହାତୀ ଦାନ୍ତ ବ୍ୟବହାର କରାଯାଇଥିବାବେଳେ ଚା ପାତ୍ରର ଢାଙ୍କୁଣୀରେ ଥାଇଲାଣ୍ଡର ୩୮୬ଟି ରୁବି ରତ୍ନ ଲାଗିଛି। ସୁନା, ରୂପା, ହୀରା, ରୁବି ଏବଂ ହାତୀ ଦାନ୍ତରେ ନିର୍ମିତ ଏହି ସୁନ୍ଦର ଚା ପାତ୍ର ଦର୍ଶକଙ୍କୁ ସ୍ତବ୍ଧ କରିଦିଏ। ଏହି ଦାମୀ ଚା ପାତ୍ରକୁ ସେପଟ୍ମ୍ବର ୬, ୨୦୧୬ରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସବୁଠାରୁ ମହଙ୍ଗା ଚା' ପାତ୍ର ଭାବରେ ମାନ୍ୟତା ଦେଇଛି। ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଏହି ଚା ପାତ୍ରର ମାଲିକାନା ଏନ ସେଟିଆ ଫାଉଣ୍ଡେସନ ପାଖରେ ଥିବାବେଳେ ଏହି ଫାଉଣ୍ଡେସନ ହେଉଛି ଏକ ଦାନକାରୀ ସଂସ୍ଥା ଯାହାକି ଲଣ୍ଡନରେ ଶିକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକଳାପ ଏବଂ ଚିକିତ୍ସା ଅନୁସନ୍ଧାନରେ ନିୟୋଜିତ ରହିଛି। ଦାନକାରୀ ସଂସ୍ଥାର ପ୍ରତିଷ୍ଠାତା ତଥା ନ୍ୟୁବି ଚା'ର ଅଧକ୍ଷ ନିର୍ମଳ ସେଟିଆ ଚା'କୁ ସମ୍ମାନ ଦେବା ପାଇଁ ଏକ ଅମୂଲ୍ୟ ଚା ପାତ୍ର ତିଆରି କରିବାକୁ ଚାହୁଁଥିଲେ ଏବଂ ଏହାର ନିର୍ମାଣ କରାଇଥିଲେ।



# ଅଭିନେତ୍ରୀ ମାହିରା ଖାନ



**ପା**କିସ୍ତାନୀ ଅଭିନେତ୍ରୀ ମାହିରା ଖାନ। ଯିଏ ପାକିସ୍ତାନୀ ଇଣ୍ଡଷ୍ଟ୍ରିର ଏକ ଅବିଶ୍ୱସନୀୟ ଏବଂ ପ୍ରତୀକାତ୍ମକ ବ୍ୟକ୍ତିତ୍ୱ। ଲଲିଉଡର ଅନ୍ୟତମ ସୁନ୍ଦର ତଥା ପ୍ରତିଭାବାନ ସେଲିବ୍ରିଟି ଅଟନ୍ତି। ମାହିରା ଖାନ ହେଉଛନ୍ତି ଏକମାତ୍ର ଅଭିନେତ୍ରୀ ଯିଏକି ବଲିଉଡ ତାରକା ଶାହାରୁଖ ଖାନଙ୍କ ସହ ପାକିସ୍ତାନୀ ଅଭିନେତ୍ରୀ ଭାବରେ କାମ କରିଛନ୍ତି। ଏହି ତାରକା ପାକିସ୍ତାନୀ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଚମତ୍କାର କ୍ୟାରିୟର କରିଛନ୍ତି। ମାହିରା କେବଳ ଜଣେ ଦକ୍ଷ ଅଭିନେତ୍ରୀ ନୁହଁନ୍ତି; ସେ ଜଣେ ସଫଳ ଉଦ୍ୟୋଗୀ। ଯିଏ ଏକ ଫ୍ୟାଶନ୍ ପୋର୍ଟାଲ୍, ପୋଷାକ ବ୍ରାଣ୍ଡ ଏବଂ ଏକ ପ୍ରଡକ୍ସନ୍ ହାଉସ୍ ଚଳାନ୍ତି। ଏହି ଅଭିନେତ୍ରୀ ଆଜଲାନଙ୍କ ପୁଅ ପାଇଁ ଏକମାତ୍ର ପିତାମାତା ଅଟନ୍ତି। ବର୍ତମାନ ପାକିସ୍ତାନୀ ଗଣମାଧ୍ୟମରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟା ଅଭିନେତ୍ରୀ ପୁଣିଥରେ ପ୍ରେମରେ ପଡିଛନ୍ତି। ଆସନ୍ତା ମାସରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। କେବଳ ଘନିଷ୍ଠ ପରିବାର ଏବଂ ସାଙ୍ଗମାନେ ଉପସ୍ଥିତ ରହିବେ। ଏହି ସମୟରେ ମେଗା ଲାଇଫ ଷ୍ଟାଇଲ ଟିଭିରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପଞ୍ଜାବ ଅଂଚଳର ଏକ ହିଲ୍ ଷ୍ଟେସନରେ ଏହି ସମାରୋହ ଅନୁଷ୍ଠିତ ହେବ। ତାଙ୍କ ପ୍ରଥମ ବିବାହ ୨୦୦୭ରେ ହୋଇଥିଲା ୨୦୧୫ରେ ଦୁହେଁ ଅଲଗା ହୋଇଯାଇଥିଲେ। ବର୍ତମାନ ସେ ଦୀର୍ଘ ସମୟ ଧରି ସଲିମ୍ କରିମ୍ ସହିତ ରିଲେଶନସିପ୍‌ରେ ଅଛନ୍ତି। ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି କି ୩୮ ବର୍ଷରେ ଅଭିନେତ୍ରୀ ପୁଣି ବିବାହ କରିବାକୁ ଯାଉଛନ୍ତି।

# ନିର୍ଦ୍ଦେଶନା ଦେବେ ଦିଶା ପଟାନୀ

**ବ**ଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ଦିଶା ପଟାନି। ବର୍ତମାନ ତାଙ୍କର ମ୍ୟୁଜିକ୍ ଭିଡିଓ 'କ୍ୟୁଁ କରୁ ଫିକର'ରେ ଆସିବେ ନଜର। ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଏଂଟ୍ରି କରିବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟର ସେୟାର କରି ଫ୍ୟାନ୍ସଙ୍କୁ ଏହି ସୂଚନା ଦେଇଛନ୍ତି। ପୋଷ୍ଟରରେ ଦିଶା ବିନ୍ଦାସ୍ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି। 'ହୁଇ ମଲଙ୍ଗ'ଠୁ ଆରମ୍ଭ କରି 'ସ୍ଲୋ ମୋସନ୍' ଓ 'ତୁ ୟୁ ଲଭ୍ ମି' ଭଳି ନିଜ ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି। ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କର ଭିନ୍ନ ଲୁକ୍ ଦେଖିବାକୁ ପାଇବେ ଦର୍ଶକ। ଦିଶାଙ୍କ ଅପ୍‌କମିଙ୍ଗ ଫିଲ୍ମ ଅଛି 'ଯୋଦ୍ଧା'। ଏଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ନଜର ଆସିବେ। ୨୦୧୫ ମସିହାରେ ତେଲୁଗୁ ଫିଲ୍ମ 'ଲୋଫର' ଜରିଆରେ ସେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ 'ଏମ୍.ଏସ୍. ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ' ଜରିଆରେ ସେ ବଲିଉଡ୍‌ରେ କ୍ୟାରିଅର ଆରମ୍ଭ କରିଥିଲେ। ତା'ପରେ ଚାଇନିଜ୍ ଆକ୍ସନ୍ କମେଡି 'କୁଙ୍ଗ ଫୁ ଯୋଗା', 'ବାଗି-୨', 'ଭାରତ', 'ମଲଙ୍ଗ' ଓ 'ଏକ୍ ଭିଲେନ୍ ରିଟର୍ନସ'ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ।

# କୋଡ଼ିଏ ହାତିଆ ସାମୁଦ୍ରିକ ଜୀବ

**ରା**ମାୟଣରେ ରାବଣର କୋଡ଼ିଏଟି ହାତ ଥିଲା ବୋଲି ସେ ବିଂଶବାହୁ ନାମରେ ମଧ ପରିଚିତ। ନିକଟରେ ଆମେରିକାର ସାନ୍ ଡିଏଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଂଟାର୍କଟିକା ମହାସାଗରରେ ସେଭଳି ଏକ ବିଂଶବାହୁକୁ ଠାବ କରିଛନ୍ତି। ଅବଶ୍ୟ ଏହି ସାମୁଦ୍ରିକ ଜୀବଟିର ମଣିଷ ପରି ପାପୁଲି ଓ ଆଙ୍ଗୁଠିଯୁକ୍ତ ହାତ ନାହିଁ। ତାହାର ବାହୁଗୁଡ଼ିକ ଅକ୍ଟୋପସର ବାହୁ ସଦୃଶ; କିନ୍ତୁ ତା'ର ଆଠଟି ବଦଳରେ ଦଶଯୋଡ଼ା ଗଣ୍ଠିଯୁକ୍ତ ବାହୁ ରହିଛି। ପ୍ରଥମ ନଜରରେ ଏହା ପୃଥିବୀ ବାହାରର ଜୀବ ବା ଏଲିଏନ୍ ପରି ଜଣାପଡ଼ିଥାଏ। ଟିକେ ନିରେଖି ଦେଖିଲେ ତାହାର ମୁଣ୍ଡ ପାଖଟି ଠିକ୍ ଷ୍ଟ୍ରବେରି ପରି ଦେଖାଯାଇଥାଏ। ଉକ୍ତ ଅମେରୁଦଣ୍ଡୀ ପ୍ରାଣୀଟିର ବୈଜ୍ଞାନିକ ନାମ 'ପ୍ରୋମାକୋକ୍ରିନସ୍ ଫ୍ରାଗାରିସ୍' ରଖାଯାଇଛି। ଲାଟିନ୍ ଶବ୍ଦ ଫ୍ରାଗାରିଅସ୍‌ରୁ ଆସିଥିବା 'ଫ୍ରାଗମ୍'ର ଅର୍ଥ ଷ୍ଟ୍ରବେରି, ତେଣୁ ତାହାର ନାମକରଣ ଏପରି ହୋଇଛି। ସମୁଦ୍ର ପତନର ୨୧୫ ଫୁଟରୁ ୩,୮୪୦ ଫୁଟ ଗଭୀରତାରୁ ଏହା ଆବିଷ୍କୃତ ହୋଇଛି। 'ଫିଦର ଷ୍ଟାର' ନାମକ ସାମୁଦ୍ରିକ ଜୀବ ପରି ଏହା ଦେହରେ ସୂକ୍ଷ୍ମ ପରଯୁକ୍ତ ଅଙ୍ଗମାନ ଅଛି ଯାହା ତାକୁ ପହଁରିବାରେ ସାହାଯ୍ୟ କରିଥାଏ। ତେଣୁ ତାହାକୁ ପ୍ରାଣୀବିଜ୍ଞାନୀମାନେ 'ଆଂଟାର୍କଟିକ୍ ଷ୍ଟ୍ରବେରି ଫିଦର ଷ୍ଟାର' ନାମରେ ନାମିତ କରିଛନ୍ତି।



# ଘରୁ ଗନ୍ଧ ବାହାରିଲେ କ'ଣ କରିବେ...



**ବ**ର୍ଷାଦିନେ ପ୍ରାୟ ଲୋକଙ୍କ ଘରୁ ଭିନ୍ନ ଭିନ୍ନ ଗନ୍ଧ ବାହାରିଥାଏ। ଯାହା ବେଳେ ବେଳେ ମୁଡ୍ ଖରାପ କରି ଦେଇଥାଏ। ଘରୁ ସୁବାସିତ ବାସ୍ନା ବାହାରିବା ଦ୍ୱାରା ମନଖୁସି ହେବା ସହ ଯେକୌଣସି କାମ କରିବା ପାଇଁ ମୁଡ୍ ହୋଇଥାଏ। କେବଳ ଘରକୁ ସଫା ରଖିଲେ ଏହି ସମସ୍ୟା ଦୂର ହୁଏନି। ବରଂ ଘରେ ପବନ ଯା'ଆସ କରିବାକୁ ସ୍କାଏଲାଇଟ୍ ବା ବଡ଼ ଝରକା ରହିଥିବା ଆବଶ୍ୟକ। ସେହିପରି ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରର ଭୂଇଁ, ଅଳିଆ ପାତ୍ର, ଫ୍ରିଜ୍ ଓ ମାଇକ୍ରୋୱେଭ୍ ଆଦି ମଧ ସଫା ରଖିବା ଦରକାର। ଏହାବ୍ୟତୀତ ପ୍ରାୟ ସବୁବେଳେ ବନ୍ଦ ରହୁଥିବା ଆଲମିରାକୁ ସଫା ନ କଲେ ମଧ ଗନ୍ଧ ବାହାରିଥାଏ। ଗନ୍ଧକୁ ସ୍ଥାୟୀ ଭାବେ ଦୂର କରିବାକୁ ହେଲେ ମାଇକ୍ରୋୱେଭରର ସହାୟତା ନେଇପାରିବେ।

– ମାଇକ୍ରୋୱେଭ୍‌ର ବେକିଂ ଟ୍ରେରେ ସାମାନ୍ୟ ଡାଲଚିନି ଗୁଣ୍ଡ ସହ ୨/୩ଟି ଲବଙ୍ଗ ପକାଇ ବେକ୍ କରି ନିଅନ୍ତୁ। ଏବେ ମାଇକ୍ରୋୱେଭ୍‌ର ଡୋର ଖୋଲି ଦିଅନ୍ତୁ। ସମ୍ପୂର୍ଣ୍ଣ ଘର ମସଲା ବାସ୍ନାରେ ମହକି ଉଠିବ।

– ଘରେ ଯଦି ଫୁଲ ରଖୁଥାନ୍ତି, ତେବେ ତା' ସହିତ କିଛି ହର୍ବ୍ସ ମଧ ରଖନ୍ତୁ। ଏହା ଘରକୁ ସୁବାଷିତ କରି ରଖିବ। ଏହାଛଡା ଘରର ଝରକା ପାଖରେ ଲେମନ୍ ଗ୍ରାସ୍ ଗଛକୁ ରଖି ଦିଅନ୍ତୁ। ଘର ଭିତରେ ହାଲ୍‌କା ଓ ଧୀମା ଧୀମା ବାସ୍ନା ଅନୁଭବ କରିପାରିବେ।

– ଯଦି ରୋଷେଇ ଘରୁ କୌଣସି ଗନ୍ଧ ବାହାରୁଥାଏ, ତେବେ ଏହାକୁ ଡିପ୍ କ୍ଲିନ୍ କରି ନିଅନ୍ତୁ। ଗନ୍ଧ କମିଯିବ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅପ୍ରେଲ ୨୦

# ବାଇଶି ପାହାଚେ ଗଡ଼େଇ ଦେବୁ...

'ମାଠିଆରେ ପାଣି ଢାଳୁ ଢାଳୁ, ମାଠିଆରେ ପାଣି ଢାଳୁ ଢାଳୁ କେଉଁ ଦିନ ମୋତେ ପୁରୀ କି ନେବୁରେ ପୁରୀକୁ ନେବୁ ପୁରୀ କୁ ନେବୁ, ବାଇଶି ପାହାଚେ ଗଡ଼େଇ ଦେବୁ...'। ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ନମିତା ଅଗ୍ରୱାଲଙ୍କ 'ବାଇଶି ପାହାଚ' ଶୀର୍ଷକ ସଂଗୀତଟି ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ତନ୍ମନକୁ ପୁଲକିତ, ସିଂହରିତ କରିଥାଏ। ଶ୍ରୀଜଗନ୍ନାଥଙ୍କ ଭକ୍ତମାନସରେ ପୁରୀ ମନ୍ଦିରରେ ଥିବା ବାଇଶି ପାହାଚ ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କିଛି। ସେଇ ପଥର ପାହାଚଗୁଡ଼ାକ ଚଢ଼ି ମନ୍ଦିରକୁ ଯିବାବେଳେ ଠାକୁରଙ୍କ ପ୍ରତି ସତେ ଅବା ଆର୍ଦ୍ର ହେବାକୁ ଆରମ୍ଭ କରେ ଭକ୍ତମାନଙ୍କ ମନ। ମନ୍ଦିର ଯାତ୍ରାବେଳେ ଭକ୍ତମାନେ ବାଇଶି ପାହାଚ ହାତରେ ସ୍ପର୍ଶକରି ମଥାରେ ଲଗାନ୍ତି। ଲାଗେ ହୃଦୟ ଭିତରେ ଥିବା ଅନେକ କଷ୍ଟ, ଅନେକ କୋହ, ଅନେକ ଯନ୍ତ୍ରଣା, ଅଭାବ, ନୈରାଶ୍ୟ, ହା ହୁତାଶ, ଆତ୍ମଗ୍ଲାନି ସବୁକିଛି ଯେପରି ସେଇଠି ହିଁ ଓଜାଡ଼ି ଦେବା ମହାପ୍ରଭୁଙ୍କୁ ପ୍ରାର୍ଥନା ପୂର୍ବକ। ସିଂହଦ୍ୱାର ସଂଲଗ୍ନରେ ଥିବା ମୁଖଶାଳା ଅତିକ୍ରମ କଲେ ଆଗରେ ପଡ଼େ ଗୋଟାଏ ସୋପାନ ଶ୍ରେଣୀ – ଲମ୍ବା, ଅନୁଚ୍ଚ, କିନ୍ତୁ ମସୃଣ। ଏଗୁଡ଼ିକ ମୁଖଶାଳାର ପଶ୍ଚାତରୁ ଆରମ୍ଭ ହୋଇ ଉପରକୁ ଉପରକୁ ଉଠି ସ୍ପର୍ଶ କରିଛି କୁର୍ମବେଢ଼ା ଦ୍ୱାର। ମୁଖଶାଳା ଓ କୁର୍ମବେଢ଼ା ମଧ୍ୟରେ ରହିଛି ମାତ୍ର ୨୦ଟି ପାହାଚ; ତେବେ ସୋପାନ ଶ୍ରେଣୀର ଶେଷ ଆଡ଼କୁ ଡାହାଣ ପଟେ ଉତ୍ତର ଦିଗରେ ଆନନ୍ଦବଜାର ପ୍ରବେଶ ପଥରେ ରହିଛି ଆଉ ଦୁଇଟି ପାହାଚବ। ଏ ଦୁଇଟି ପାହାଚ ଆରମ୍ଭ ହୋଇଛି ଅଷ୍ଟାଦଶ ସୋପାନରୁ ଏବଂ ପ୍ରସରିଛି ଉତ୍ତରକୁ ଆନନ୍ଦବଜାରର ଦ୍ୱାର ଯାଏଁ। ଏଇ ଦ୍ୱାରର ଦୁଇ ପାର୍ଶ୍ୱରେ ଶୋଭାପାଉଛି ଖୁବ୍ ପ୍ରକାଣ୍ଡକାୟ ଦୁଇଟି ସିଂହ ଭାସ୍କର୍ଯ୍ୟ ପ୍ରାୟ ୧୦ଫୁଟ ଲମ୍ବା ଓ ୮ଫୁଟ ଉଚ୍ଚତା ବିଶିଷ୍ଟ।

ଶ୍ରୀକ୍ଷେତ୍ରର ଐତିହ୍ୟ, ଧର୍ମଚେତନା ଓ ପରମ୍ପରା ସହିତ ଏହି ବାଇଶି ପାହାଚର ଭୂମିକା ଅତିବ ଭାବପୂର୍ଣ୍ଣ ଓ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱାସ ରହିଛି ଏଇଟି ହିଁ ଅଷ୍ଟବୈକୁଣ୍ଠ, ପିତୃଲୋକ, ବ୍ରହ୍ମଲୋକ ଓ ଧ୍ରୁବଲୋକ, ଅନ୍ନଦାନ, ପିଣ୍ଡଦାନ ଓ ବସ୍ତ୍ରଦାନର ମହାପୁଣ୍ୟ କ୍ଷେତ୍ର ହେଉଛି ଏହି ବାଇଶି ପାହାଚ। ଏହା କେବଳ ପଥରରେ ତିଆରି ସାଧାରଣ ପାହାଚ ନୁହଁ ବରଂ ଏଥିରେ ରହିଛି ଅନେକ ଗୂଢ଼ ତତ୍ତ୍ୱ। ଏହି ଅଷ୍ଟବୈକୁଣ୍ଠର ଲୋକ ମହାତ୍ମ୍ୟ ଏହିପରି ଯେ ନିତ୍ୟସ୍ଥଳୀ ଏହି ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରଭୁ ନିତ୍ୟଲୋକରୁ ଭୂଲୋକକୁ ଓହ୍ଲାଇ ଆସନ୍ତି ଏହି ବାଇଶି ପାହାଚ ଦେଇ।

ବାଇଶିଟି ଯାକ ପାହାଚର ଆୟତନ ଏକା ପ୍ରକାରର ନୁହେଁ। ସମସ୍ତ ସୋପାନ ଅବଶ୍ୟ ବଉଳମାଳ ବା କୁଣ୍ଡାପଥରରେ ନିର୍ମିତ ଏବଂ ଅଧିକାଂଶର ପ୍ରସ୍ଥ ପାଞ୍ଚ ଫୁଟ। ପାହାଚଗୁଡ଼ିକର ଉଚ୍ଚତା ମାତ୍ର ଛଅରୁ ସାତ ଇଞ୍ଚ ଏବଂ ଲମ୍ବା ପ୍ରାୟ ୪୦ଫୁଟ। ସୋପାନ ଶ୍ରେଣୀର ଉତ୍ତର ଓ ଦକ୍ଷିଣ ପଟେ ମଧ୍ୟ ରହିଛି ପାଚେରୀ। ତେବେ ଦୁଇ ପଟର ଏହି ପାଚେରୀ ଠିକ୍ ପାଚେରୀ ପରି ପ୍ରତୀୟମାନ ହେଉନି କାରଣ ମନ୍ଦିର ଚଟାଣର ସମତଳ ସହ ଏହା ମିଶି ଯାଇଛି। ଉପରେ ରହିଛି ଦୁଇଧାଡ଼ି ମିଷ୍ଟାନ୍ନ ତିଆରି ସରଘର ସୋପାନ ଶ୍ରେଣୀର ଅଷ୍ଟାଦଶ ପାହାଚଟି ସବୁଠାରୁ ଓସାରିଆ; ଯାର ପ୍ରସ୍ଥ ପ୍ରାୟ ୧୫ଫୁଟ। ୧୯ ଓ ୨୦ ତମ ପାହାଚ ଦୁଇଟି ଅର୍ଦ୍ଧ ଗୋଲାକୃତି। ଏ ଦ୍ୱୟ କାରୁକାର୍ଯ୍ୟ ମଣ୍ଡିତ କୁର୍ମବେଢ଼ା ଦ୍ୱାରକୁ ସ୍ପର୍ଶ କରି ରହିଛି। ଆନନ୍ଦବଜାରର ପ୍ରବେଶ ପଥରେ ଥିବା ପାହାଚ ଦୁଇଟି ମଧ୍ୟ ପ୍ରସ୍ଥରେ ପ୍ରାୟ ୧୦ଫୁଟ। ବାଇଶି ପାହାଚ ଦେଇ ମନ୍ଦିରକୁ ଉଠିଲାବେଳେ ତୃତୀୟ ପାହାଚର ଦକ୍ଷିଣ ପାର୍ଶ୍ୱରେ ରହିଛି ଗୋଟିଏ ଅନୁଚ୍ଚ ମନ୍ଦିର ଯାହା କାଶୀ ବିଶ୍ୱନାଥ ଦେବାଳୟ ରୂପେ ପରିଚିତ। ଏଇ ଉପାସନା ପୀଠକୁ ଲାଗି ଅନ୍ୟ ଏକ ଅନୁଚ୍ଚ ମନ୍ଦିର ରହିଛି ଏଠାରେ


ପୁଷ୍ପମିତ୍ର ମହାପାତ୍ର

ରାମ ଓ ସୀତା ପୂଜା ପାଆନ୍ତି। କେତେକ ବିଦ୍ୱାନ ବାଇଶି ପାହାଚର ମହତ୍ତ୍ୱ ପ୍ରତିବାଦିତ କରିବାକୁ ଯାଇ କିଛି ତତ୍ତ୍ୱ ବଖାଣନ୍ତି। ସେମାନଙ୍କ ମତରେ ଦେବତାଙ୍କୁ ପାଇବା ପଥରେ ମାନବ ୨୨ ପ୍ରକାରର ଦୋଷ ଦୁର୍ବଳତା ଅତିକ୍ରମ କରିବାକୁ ହୁଏ; ଏଣୁ ଶ୍ରୀମନ୍ଦିରରେ ରହିଛି ଏଇ ୨୨ ଗୋଟି ପାହାଚ। ବାଇଶି ପାହାଚର ପ୍ରଥମ ପାହାଚର ବାମପାର୍ଶ୍ୱରେ ପଶ୍ଚିମାଭିମୁଖୀ କାଶୀବିଶ୍ୱନାଥ ମନ୍ଦିର ଅବସ୍ଥିତ। କାଶୀବିଶ୍ୱନାଥ ହେଉଛନ୍ତି ବାଇଶି ପାହାଚର ପ୍ରଥମ ଦେବତା। ଶ୍ରୀଜଗନ୍ନାଥଙ୍କୁ ଭକ୍ତଜନ ଦର୍ଶନ କରିବା ପରେ ବାଇଶି ପାହାଚରେ କିଛି ସମୟ ବସନ୍ତି। ପଞ୍ଚଦଶ ଅଷ୍ଟତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରୀଶକ୍ତି, ତ୍ରିଗୁଣର ସମାହାର ବାଇଶି ଯାହା କି ବାଇଶି ପାହାଚରେ ପ୍ରତିଫଳିତ।

ବିଶ୍ୱାସ ରହିଛି ମହାପ୍ରଭୁଙ୍କ କରୁଣା ନହେଲେ କେହି ବି ବାଇଶି ପାହାଚ ଅତିକ୍ରମ କରିପାରିବ ନାହିଁ କି ଠାକୁରଙ୍କୁ ଦର୍ଶନ ମଧ୍ୟ କରିପାରିବ ନାହିଁ। ପହଣ୍ଡି ସମୟରେ ମହାପ୍ରଭୁ ଏହି ପାହାଚ ଅତିକ୍ରମ କରି ହାତୀ ପରି ଝୁଲି ଝୁଲି ଟାହିଆ ହଲାଇ ଦୁଇ ହାତ ପ୍ରସାରିତ କରି ବଡ଼ଦାଣ୍ଡର ଜନସମୁଦ୍ରକୁ ଓହ୍ଲାଇ ଆସନ୍ତି। ଏହି ବାଇଶି ପାହାଚରେ ଅସଂଖ୍ୟ ଭକ୍ତ, ଶ୍ରଦ୍ଧାଳୁ, ସାଧୁସନ୍ଥଙ୍କ ପବିତ୍ର ଚରଣ ରଜ ରଞ୍ଜିତ। ପତିତପାବନ ଯାତ୍ରା ସମୟରେ ଏହି ବାଇଶି ପାହାଚରେ ଶ୍ରୀଜୀଉଙ୍କ ଦେବୋପମ ପହଣ୍ଡି ହେଲାବେଳେ ଏଠାରେ ଅବସ୍ଥିତ ପିତୃଶିଳା ନିକଟରେ ପିତୃପୁରୁଷଗଣ, ଯଜଶୀଳା ନିକଟରେ ଚିତ୍ରଗୁପ୍ତ ଓ ଜମଦୂତ ଗଣ, ତେତିଶ କୋଟି ଦେବଗଣ, ଗନ୍ଧର୍ବ, କିନ୍ନର, ଦେବ ନର୍ତ୍ତକୀ ସମସ୍ତେ ଉପସ୍ଥିତ ଥାଆନ୍ତି ଦର୍ଶନ ପାଇଁ। ବାଇଶି ପାହାଚ ହେଉଛି ଚତୁର୍ଦ୍ଦଶ ଭୁବନ। ଭୂଃ, ଭୂବଃ, ସ୍ୱଃ, ମହଃ ଜନ, ତପ, ସତ୍ୟ, ଅତ, ସୁତଳ, ବିତଳ, ମହୀତଳ, ରସାତଳ ତଥା ପାତାଳ ଏବଂ ଅଷ୍ଟ ବୈକୁଣ୍ଠ।

ତେବେ ତତ୍ତ୍ୱର ତାତ୍ପର୍ଯ୍ୟ ଯାହା ହେଉ ନା କାହିଁକି ବାଇଶି ପାହାଚର ପବିତ୍ରତାକୁ କେହି ଅସ୍ୱୀକାର କରନ୍ତି ନାହିଁ। ବାପା ମା'ମାନେ ମାନସିକ କରି ନିଜ ଶିଶୁ ସନ୍ତାନମାନଙ୍କୁ ଏହି ସୋପାନର ଉପରୁ ତଳ ଯାଏଁ ଗଡ଼ାନ୍ତି। ଏଇ ବାଇଶି ପାହାଚକୁ ମଧ୍ୟ ପିତୃଲୋକର କ୍ଷେତ୍ର ବୋଲି ଗ୍ରହଣ କରାଯାଏ। ଏଣୁ ଆଶ୍ୱିନ ମାସ ପ୍ରଥମାର୍ଦ୍ଧାରେ ଏଠାରେ ଯାତ୍ରୀମାନେ ମହାଳୟା ଶ୍ରାଦ୍ଧ କରନ୍ତି। ଶ୍ରାଦ୍ଧ ସାରି ଦଶମ ପାହାଚର ଏକ ଚତୁଷ୍କୋଣୀ କ୍ଷେତ୍ରରେ ପିଣ୍ଡ ଅର୍ପଣ କରାଯାଏ। ଏ ଦିନେ ବାଇଶି ପାହାଚରେ ବହୁ ପୁରୋହିତ ଓ ଯଜମାନ ଶ୍ରାଦ୍ଧରେ ବସିଥିବା ଦେଖାଯାଏ। ଶ୍ରଦ୍ଧାଳୁ ହୁଅନ୍ତୁ ବା ଭକ୍ତ ମହାପ୍ରଭୁଙ୍କୁ ଦେଖିବା ପାଇଁ ଶ୍ରୀ ମନ୍ଦିରକୁ ପ୍ରବେଶ ପରେ ଏହି ବାଇଶ ପାହାଚ ନିକଟରେ ପହଞ୍ଚି ପାଦ ଦେବା ପୂର୍ବରୁ ଭକ୍ତିପୂତ ମୁଣ୍ଡିଆଟିମାରି ଆଗକୁ ଯାଇଥାଏ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୬୮୯*

# ପ୍ରତାରଣା


ଅନୀତା ପଟ୍ଟନାୟକ

ଅରୁଣସ୍ତମ୍ଭ ନିକଟରେ ପ୍ରଣାମ କରି ପାଦ ଧୋଇ ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲା ବେଳକୁ ଡାହାଣ ପଟେ ସାଜସଜ୍ଜାପୂର୍ଣ୍ଣ ପତିତପାବନଙ୍କୁ ଦର୍ଶନ କଲି ଧଳା ଓ ଲାଲ ଫୁଲର ଗୋଟିଏ ଗଜରାହାର ପିନ୍ଧିଥାନ୍ତି। ଖୁବ ସୁନ୍ଦର ଦେଖା ଯାଉଥାନ୍ତି। ବାଇଶି ପାହାଚ ଚଢ଼ିଲାବେଳକୁ ବାମ ପାର୍ଶ୍ୱରେ ଥିବା କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ପ୍ରଣାମ କଲି।

ଖରାଦିନ ହୋଇଥିବାରୁ ପାଦ ତାତି ଯାଉଥାଏ। ବୁଲିପଡ଼ି ତିନି ଠାକୁରଙ୍କ ଦର୍ଶନ ପାଇଁ ବାଇଶି ପାହାଚ ଚଢ଼ିଲା ବେଳେ ଦେଖିଲି ମୋର ଦେହର ଦୁଇଟି ଛାଇ ପଡ଼ୁଛି। ଆଶ୍ଚର୍ଯ୍ୟଚକିତ ହୋଇ ଜଗନ୍ନାଥଙ୍କୁ ପ୍ରାର୍ଥନା କଲି, ମୋ ସାଙ୍ଗରେ ଏପରି କାହିଁକି ଘଟୁଛି। ମୋ ଭିତରର ଅନ୍ତସ୍ୱର କହିଲା ଏହି ଦୁଇ ଛାଇଙ୍କୁ ଧରି ତତେ ଭିତରକୁ ଯିବାକୁ ପଡ଼ିବ। ମନ୍ଦିରରେ ପ୍ରବେଶ କରିବା କ୍ଷଣି ସେଠାରେ ଖରା ପଡୁନଥିବାରୁ ଛାଇ ଦୁଇଟି ଉଭେଇ ଗଲେ। ମୁଁ ମୋର ଅନ୍ତଃସ୍ୱରକୁ ପଚାରିଲି ଏହି ଛାଇ ଦୁଇଜଣ କିଏ ? ସେ କହିଲା ଜଣେ ହେଉଛି ଅହଂକାର ଓ ଅନ୍ୟଟି ସ୍ୱାର୍ଥପରତା ଏହି ଦୁଇଟି ଜିନିଷକୁ ଛାଡ଼ି ଦିଅଁ ଦର୍ଶନରେ ଅର୍ଥ ରହେନାହିଁ। ଏହି ସମୟରେ ଶୁଣିବାକୁ ପାଇଲି ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲି କରି ଦିଆଯିବ। କାରଣ କେହି ଜଣେ ଚତୁର ବିଚକ୍ଷଣ ସମ୍ମାନୀୟ ବ୍ୟକ୍ତି ମନ୍ଦିର ଭିତରକୁ ପ୍ରବେଶ କରିବେ। ତାଙ୍କର ସୁରକ୍ଷା ନିମନ୍ତେ ଏପରି କରାଯିବ। ମୁଁ ମୋର ଅନ୍ତସ୍ୱରକୁ ପଚାରିଲି ଏ ଚତୁରତା, ବିଚକ୍ଷଣତା ସମ୍ମାନୀୟତା ଏସବୁ କ'ଣ ? ସେ କହିଲା ଏସବୁ ଅହଂକାରର ନାତି ନାତୁଣୀ ଓ ସ୍ୱାର୍ଥ ହାସଲର ମାଧ୍ୟମ। ଅସ୍ଥିର ଓ ଚଳଚଞ୍ଚଳ। ଶ୍ରୀମନ୍ଦିରରେ ପ୍ରବେଶ କରି ଦେଖିଲି ସତରେ ମୋର ଦୁଇଟି ଛାଇ ପଡୁନାହିଁ। ଗରୁଡ଼ସ୍ତମ୍ଭକୁ ଲୋକମାନେ କୁଣ୍ଢାଇ ନିଜର ଛାତିକୁ ଲଗାଉଥାନ୍ତି। ଗରୁଡ଼ ସ୍ତମ୍ଭ ନିକଟରେ ପ୍ରଣାମ କରି ବାଁ ପାଖ ଦେଇ ଯିବାବେଳେ ଜଗନ୍ନାଥ ଓ ସୁଭଦ୍ରାଙ୍କ ହସ ହସ ମୁହଁ ଦିଶୁଥାଏ। ଗୋଡ଼କୁ ଟେକି ଡାହାଣ ପଟକୁ ମୁଣ୍ଡ କରିବା ପରେ ବଳଭଦ୍ରଙ୍କର ମୁହଁଟିକୁ ଦର୍ଶନ କଲି। ତିନି ଠାକୁର କାହିଁକି ଏକ ସାଙ୍ଗରେ ମୁଁ ଦର୍ଶନ କରିପାରୁନି। ରତ୍ନସିଂହାସନର ଗମ୍ଭୀରାଗୃହକୁ ଟିକେ ବଡ଼ କରିଥିଲେ ଭଲ ହୋଇଥାନ୍ତା। ଏପରି ଭାବୁଛି ଦେଖିଲି ଲୋକଙ୍କ ଠେଲାପେଲାରେ ମୁଁ ହୁଣ୍ଡି ନିକଟରେ ପହଞ୍ଚି ଯାଇଛି। ମୁଁ ଦେଖିଲି ହୁଣ୍ଡିରେ ତାଲା ପଡ଼ିଛି। ମୁଁ ପଚାରିଲି ଆରେ ହୁଣ୍ଡି ତୋର ତୁଣ୍ଡି କାହିଁକି ବନ୍ଦ ? ସେ କହିଲା ଜଗନ୍ନାଥ କହିଛନ୍ତି ପାଟି ବନ୍ଦ କରି ସବୁ ଦେଖୁଥାଏ। ସ୍ୱାର୍ଥପର ମଣିଷ ତାର ସ୍ୱାର୍ଥ ସାଧନ ପାଇଁ କିମ୍ବା ସ୍ୱାର୍ଥ ସାଧନ ହୋଇଗଲେ ମାନସିକ ପୂରଣ ହୋଇଛି ବୋଲି ଭାବି ତୋ ଭିତରେ ପଇସା ଅଳଙ୍କାର ଏସବୁ ପକାଏ। ପାଟି ବନ୍ଦ କାହାକୁ କହିବୁ ନାହିଁ ଖାଲି ଦେଖୁଥା। ଉଦରକୁ ପୂରଣ କରୁଥା। ମଝିରେ ମଝିରେ ତୋର ଉଦରକୁ ଖାଲି କରି ଦିଆଯିବ। ତୁ ଚତୁର ଓ ସ୍ୱାର୍ଥପର ବ୍ୟକ୍ତି ମାନଙ୍କୁ ଭେଟିବୁ। କିନ୍ତୁ ତୁ ତ ଜାଣିଚୁ ସ୍ୱାର୍ଥପରା ଓ ଚତୁରତାକୁ ନଛାଡ଼ିଲେ ମୋର ଦର୍ଶନ କରିବାର କୌଣସି ଅର୍ଥ ନଥାଏ ଓ ମୋ ସହିତ ଆତ୍ମୀୟତାକୁ ଦୂରେଇ ଦିଏ କଣ ଠିକ କଣ ଭୁଲ ଜାଣିପାରେନି। ମୋର ଅନ୍ତସ୍ୱରର ଏପରି କଥୋପକଥନ ଚାଲୁଥିବା ସମୟରେ କାଠ ଅର୍ଦ୍ଧଳୀକୁ ହଠାତ କାଢ଼ି ଦିଆଗଲା। ସେବକମାନେ କହିଲେ ଏ ବେତ ସାହାଣମେଲାର ବେଳ। ଏକ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରକୁ ଖାଲିବାକୁ ହେବ। ଚତୁର ବିଚକ୍ଷଣ ମହାନବ୍ୟକ୍ତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ତେଣୁ ଶୀଘ୍ର ଶୀଘ୍ର ଦିଅଁଙ୍କ ଦର୍ଶନ କରି ପ୍ରସ୍ଥାନ କରେ। ସେହିପରି ଠେଲାପେଲାରେ ମୁଁ ରତ୍ନସିଂହାସନ ନିକଟବର୍ତ୍ତୀ ହେଲି। ମୋର ଖାଲି ମନେ ପଡୁଥାଏ ମୋର ଦୁଇଟି ଛାଇ ଅହଂକାର ଓ ସ୍ୱାର୍ଥପରର କଥା ଓ ହୁଣ୍ଡି ସହିତ ମୋର କଥୋପକଥନ କଣ କରିବି ? ଏ ପର୍ଯ୍ୟନ୍ତ ମୁଁ ମୋର ଚତୁରତା, ଅହଂକାର, ସ୍ୱାର୍ଥପରତା କିଛି ଛାଡ଼ି ପାରିନି। ମୁଁ ଭାବିଲି ଯଦି ହୁଣ୍ଡିର କଥା ସତ ହୁଏ ସତରେ କ'ଣ ଏଠାକୁ ଆସୁଥିବା ଶହ ଶହ ଭକ୍ତ ତାଙ୍କର ଏ ଗୁଣ ଗୁଡ଼ିକ ଛାଡ଼ି ଦେଇଛନ୍ତି ନା ନିଜର ହାନୀ କରୁଛନ୍ତି। ଏହି ସମୟରେ ଦେଖିଲି ଜଣେ ସେବକ ନିଜ ହାତରେ ଶଙ୍ଖକୁ ଫୁଙ୍କି ଗୋଟିଏ ଥାଳିରେ ଥାଇଲେ ସେ ଥାଳିରେ କେତେକ ପଦ୍ମଫୁଲ ଥାଏ। ଦିଅଁଙ୍କୁ ଲାଗି ହେବାପାଇଁ ରହିଥାଏ। ଭାବିଲି ସତରେ ସେବକଙ୍କର ହାତ, ଶଙ୍ଖ ଓ ପଦ୍ମଫୁଲ ଗୁଡ଼ିକ ଭଗବାନଙ୍କ ନିକଟରେ ସଂପୂର୍ଣ୍ଣ ରୂପେ ସମର୍ପିତ ହୋଇ ଯାଇଛନ୍ତି। କୌଣସି ମତେ ଭିଡ଼ରେ ହାତଯୋଡ଼ି ଆଣ୍ଠୁମାଡ଼ି ମୁଣ୍ଡିଆମାରି ପ୍ରଭୁଙ୍କୁ କହିଲି ମୁଁ କ'ଣ ଆଜି ପର୍ଯ୍ୟନ୍ତତ ଅହଂକାର, ସ୍ୱାର୍ଥପରତା ଓ ଚତୁରତାକୁ ନଛାଡ଼ି ତୁମ ସହିତ ପ୍ରତାରଣା କରିଛି ? ଭିତରୁ ପ୍ରତିଧ୍ୱନୀ ଆସିଲା। ହଁ ତୁମେ ତୁମେ ....ତୁମେ...ମୁକ୍ତି ଓ ଆନନ୍ଦ ଯେଉଁଥିପାଇଁ ପ୍ରାର୍ଥନା କରୁଛି। ତୁମେ ଚେଷ୍ଟିତ ନୁହଁ।

***ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬***

# ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଚଳିତ ଅକ୍ଟୋବର ମାସରେ ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ (ଜିଏଚଆଇ) ପକ୍ଷରୁ ପ୍ରକାଶିତ କ୍ଷୁଧା ସୂଚକାଙ୍କ ରିପୋର୍ଟରେ ଭାରତ ୧୧୧ତମ ସ୍ଥାନରେ ରହିଛି। ଗତ ୨୦୨୨ରେ ଭାରତ ୧୦୭ ତମ ସ୍ଥାନରେ ରହିଥିଲା। ଏହାର ଆଉ ଚାରୋଟି ସ୍ଥାନ ନିମ୍ନଗାମୀ ହୋଇଛି। ଚଳିତ ବର୍ଷ ୧୨୫ଟି ରାଷ୍ଟ୍ରଙ୍କୁ ନେଇ ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟରେ ଭାରତ ତାଲିକାରେ ୧୫୧ତମ ସ୍ଥାନରେ ରହିଥିବାବେଳେ ଗତ ବର୍ଷ ୧୨୧ଟି ନେଇ ସର୍ଭେ କରାଯାଇଥିଲା। ଏହି ରିପୋର୍ଟ ଅନୁଯାୟୀ ଭାରତରେ ଭୋକିଲା ବା କ୍ଷୁଧା କେତେ ଯେ ଉତ୍କଟ ତାହା ଅନୁମାନ କରାଯାଇପାରେ। କହିବା ବାହୁଲ୍ୟ ଯେ, ଭାରତ ଠାରୁ ନିମ୍ନରେ ଯେଉଁ ରାଷ୍ଟ୍ରଗୁଡିକ ସ୍ଥାନ ପାଇଛନ୍ତି। ସେହି ଦେଶଗୁଡିକ ମଧ୍ୟ ବହୁ ଆଫ୍ରିକୀୟ ରାଷ୍ଟ୍ର ଅଛନ୍ତି। କିନ୍ତୁ ଭାରତ ଠାରୁ ଉତମ ସ୍ଥିତିରେ ରହିଥିବା ରାଷ୍ଟ୍ରଗୁଡିକ ମଧ୍ୟରେ ପଡୋଶୀ ପାକିସ୍ଥାନ, ଶ୍ରୀଲଙ୍କା, ବାଙ୍ଗଲାଦେଶ ଓ ନେପାଳ ଆଦି ରାଷ୍ଟ୍ର ଅଛନ୍ତି। ସୂଚକାଙ୍କରେ ପାକିସ୍ଥାନ ୧୦୨ ର୍ୟାଙ୍କରେ ରହିଥିବାବେଳେ ବଙ୍ଗଳାଦେଶ ୮୧, ନେପାଳ ୬୯ ଏବଂ ଶ୍ରୀଲଙ୍କା ୬୦ତମ ସ୍ଥାନରେ ରହିଛି। ଭୋକିଲା କ୍ଷେତ୍ରରେ ଭାରତ ଠାରୁ ପଡୋଶୀ ରାଷ୍ଟ୍ରଗୁଡିକ ଉନ୍ନତ ସ୍ଥିତିରେ ଥିବା ରିପୋର୍ଟ କହୁଛି। ଚଳିତ ୨୦୨୩ ବର୍ଷର ରିପୋର୍ଟରେ ଭାରତ ୨୮.୭ ସ୍କୋର ସହ ୧୧୧ତମ ସ୍ଥାନରେ ରହିଛି, ଯେଉଁଥିରେ ଦେଶରେ ୧୬.୬ ପ୍ରତିଶତ ଅଧାପେଟରେ ରହୁଥିବା କୁହାଯାଇଛି। ସେହିପରି ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ଶିଶୁ ଅପପୁଷ୍ଟି ହାର ସର୍ବାଧିକ ୧୮.୭ ପ୍ରତିଶତ ରହିଥିବାବେଳେ ପାଂଚ ବର୍ଷରୁ କମ୍ ଶିଶୁ ମୃତ୍ୟୁହାର ୩.୧ ପ୍ରତିଶତ ଏବଂ ୧୫ରୁ ୨୪ବର୍ଷ ବୟସ ବର୍ଗର ମହିଳାମାନଙ୍କଠାରେ ରକ୍ତହୀନତା ହାର ୫.୧ ପ୍ରତିଶତ ରହିଥିବା ଉଲ୍ଲେଖ ରହିଛି। ଭାରତ ସରକାର(ଏଚଆଇ)ର ଏହି ରିପୋର୍ଟକୁ ଗତବର୍ଷ ପରି ଏଥର ମଧ୍ୟ ଅଗ୍ରାହ୍ୟ କରିଛନ୍ତି। ରିପୋର୍ଟ ଉପରେ କେନ୍ଦ୍ର ମହିଳା ଓ ଶିଶୁ ମନ୍ତ୍ରଣାଳୟ ତୀବ୍ର ପ୍ରତିକ୍ରୀୟା ପ୍ରକାଶ କରି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ, ସୂଚକାଙ୍କ ନିମନ୍ତେ ଉପଯୋଗ କରାଯାଇଥିବା ଚାରୋଟି ସୂଚକ ମଧ୍ୟରୁ ତିନୋଟି ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏବଂ ତାହା ସମଗ୍ର ଜନସଂଖ୍ୟାର ପ୍ରତିନିଧିତ୍ୱ କରିପାରିବ ନାହିଁ। ଆହୁରି ମଧ୍ୟ ଚତୁର୍ଥ ଏବଂ ଗୁରୁତ୍ୱପୂର୍ଣ୍ଣ ସୂଚକର ଗଣନା ମାତ୍ର ୩୦୦୦ ନମୂନା ଉପରେ ଆଧାରିତ। କେତେକ ବିଶେଷଜ୍ଞ ମତରେ କ୍ଷୁଧା ମାପିବା ପାଇଁ ଯେଉଁ ସର୍ତଗୁଡିକ ବ୍ୟବହାର ବା ଉପଯୋଗ କରାଯାଇଛି, ତାହା ଅତ୍ୟନ୍ତ ଦୁର୍ବଳ। ଏଭଳି ସମାଲୋଚନା କିମ୍ବା ଭାରତର ମତକୁ ଅଗ୍ରାହ୍ୟ କରାଯାଇପାରିବ ନାହିଁ। କିନ୍ତୁ ଗତ ୨୦୦୬ ମସିହାଠାରୁ ପ୍ରତିବର୍ଷ ଜିଏଚଆଇ ପ୍ରକାଶ କରି ଆସୁଥିବା ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟରୁ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ର ଗ୍ରହଣ କରି ଆସୁଛନ୍ତି। ଏହାର କାରଣ ହେଉଛି, ଜିଏଚଆର ତା'ର ବିଶ୍ୱ କ୍ଷୁଧା ସୂଚକାଙ୍କରେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ୟୁନିସେଫ ଏବଂ କୃଷି ବିକାଶ ପାଇଁ ଆନ୍ତର୍ଜାତିକ ପାଣ୍ଠ ବା ଆଇଫାଡର ମିଳିତ ଉଦ୍ୟମରେ ପ୍ରସ୍ତୁତ ଷ୍ଟେଟ ଅଫ ଫୁଡ ସିକ୍ୟୁରିଟି ଆଣ୍ଡ ନ୍ୟୁଟ୍ରିସନ ଇନ୍ ଦି ୱାର୍ଲଡ (ସୋଫି) ରିପୋର୍ଟର ଅପପୁଷ୍ଟି ତଥ୍ୟକୁ ଅନ୍ତର୍ଭୁକ୍ତ କରାଯାଇଥାଏ। ଜିଏଚଆଇ ତାର ରିପୋର୍ଟକୁ ସର୍ବଦା ନିର୍ଭୁଲ ଏବଂ ସଠିକ୍ ବୋଲି କହି ଆସିଛି। ଉଲ୍ଲେଖଯୋଗ୍ୟ ଯେ, ଗ୍ଲୋବାଲ ହଙ୍ଗର ଇଣ୍ଡେକ୍ସ (ଜିଏଚଆଇ) ର ଚଳିତ ବର୍ଷର ରିପୋର୍ଟ ଅନୁଯାୟୀ ଦେଶରେ ପ୍ରାୟ ୨୪କୋଟି ଲୋକ ଅପପୁଷ୍ଟିର ଶିକାର, ଯାହାକି ମୋଟ ଜନସଂଖ୍ୟାର ଏକ ଷଷ୍ଠାଂଶ। ଜଣେ ବ୍ୟକ୍ତି ଆବଶ୍ୟକ ପରିମାଣର ଖାଦ୍ୟ ଓ ଖାଦ୍ୟସାର ନପାଇବା ହେଉଛି ଅପପୁଷ୍ଟି। ଏହା ସତ୍ୟ ଯେ, ଖାଦ୍ୟ ଭାବ ଯୋଗୁଁ ଦେଶରେ ପୁଷ୍ଟିହୀନତା ଓ ଅପପୁଷ୍ଟି ନେଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନଏଫଏଚଏସ)-୫ର ତଥ୍ୟ ମଧ୍ୟ ଏହି ତଥ୍ୟ ସ୍ପଷ୍ଟ କରିଛି। ଏନଏଫଏଚଏସ-୫ ରିପୋର୍ଟରେ କୁହାଯାଇଛି ଯେ, ଦେଶରେ ୬ରୁ ୨୩ ମାସର ଶିଶୁଙ୍କ ମଧ୍ୟରୁ ୮୯ ପ୍ରତିଶତ ସର୍ବନିମ୍ନ ଗ୍ରହଣଯୋଗ୍ୟ ଖାଦ୍ୟରୁ ବଂଚିତ। ଏନଏଫଏଚଏସ-୪ ଏହି ସଂଖ୍ୟା ଥିଲା ୯୦.୪ ପ୍ରତିଶତ। ଏଥିରେ ସୁଧାର ଅତି ନଗଣ୍ୟ। କେବଳ ଏତିକି ନୁହେଁ, ସର୍ଭେ ରିପୋର୍ଟରେ ୬ବର୍ଷରୁ କମ ଶିଶୁ, କିଶୋର କିଶୋରୀ ଗର୍ଭବତୀ ଏବଂ ୧୫ରୁ ୪୯ବର୍ଷର ମହିଳାଙ୍କ ମଧ୍ୟରେ ରକ୍ତହୀନତା ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ ଉଦବେଗଜନକ ସ୍ଥିତିରେ ରହିଛି। ଉଲ୍ଲେଖ କରାଯାଇପାରେ ଯେ, ଭାରତ ଏବେ ବିଶ୍ୱର ବୃହତ ପଂଚମ ଅଥନୈତିକ ଶକ୍ତି ଭାବେ ମାନ୍ୟତା ହାସଲ କରିଛି। ଆଗାମୀ ପାଂଚବର୍ଷରେ ବିଶ୍ୱର ତୃତୀୟ ବୃହତ ଶକ୍ତି ହେବା ନେଇ ଏବେ ପ୍ରଧାନମନ୍ତ୍ରୀ ବିଭିନ୍ନ ସଭା, ସମିତିରେ ଡିଣ୍ଡିମ ପିଟୁଛନ୍ତି। ପଡୋଶୀ ପାକିସ୍ଥାନ, ଶ୍ରୀଲଙ୍କାରେ ଅର୍ଥନୀତି ଦେବାଳିଆ ହୋଇପଡିଥିବା ବେଳେ କ୍ଷୁଧା ସୂଚକାଙ୍କରେ ଭାରତ ଠାରୁ ବହୁତ ଭଲ ସ୍ଥିତିରେ ନାହିଁ। ମୁଣ୍ଡ ପିଛା ଆୟ କ୍ଷେତ୍ରରେ ମଧ୍ୟ ବହୁତ ଉଚ୍ଚ ସ୍ଥିତିରେ ରହିଛି। ଦେଶରେ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ପ୍ରଧାନମନ୍ତ୍ରୀ ଖାଦ୍ୟ ଯୋଜନାରେ ରିହାତିରେ ଏବଂ ମାଗଣାରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଥିବାବେଳେ ଦେଶରୁ ଭୋକିଲାଙ୍କ ସଂଖ୍ୟା କମିବା ପରିବର୍ତେ ବଢୁଛି। ଏଥିରୁ ଦେଶରେ ଦାରିଦ୍ର୍ୟ କେତେ ଯେ, ଉତ୍କଟ, ତାହା ସ୍ପଷ୍ଟ ବୁଝାପଡେ। ସରକାର ରିପୋର୍ଟକୁ ଅଗ୍ରାହ୍ୟ କରିବା ଆତ୍ମବଡିମାର ପରିଚୟ ଦିଏ ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ। ବାସ୍ତବ ସ୍ଥିତିକୁ ଅନୁଧାନ କରିବାର ସମୟ ଏବେ ଆସିଛି। ଯୋଜନା କେବଳ ଆତ୍ମପ୍ରଚାର ସର୍ବସ୍ୱ ନହୋଇ ବାସ୍ତବ ହେବା ଜରୁରୀ।

*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ-୯୪୩୭୯୯୪୩୭୯*

# ଦୁର୍ନୀତି ମୁକ୍ତ ସମାଜର ଆବଶ୍ୟକତା


ଶିବମ୍ ପଟ୍ଟନାୟକ

ଦୁର୍ନୀତି ଏକ ଏପରି ସାମାଜିକ ବ୍ୟାଧି ଯାହା ସବୁ ସଭ୍ୟତା ରେ ଦେଖାଯାଇଛି କ୍ଷ କିନ୍ତୁ ମାତ୍ର ୨କ୍ଷ ବର୍ଷ ହେଲା ଏହି ସମସ୍ୟା ସାଙ୍ଘାତିକ ଭାବରେ ନିଜର କାୟା ବିସ୍ତାର କରି ଚାଲିଛି କ୍ଷ ପରିଣାମ ସ୍ୱରୂପ ଏହା ଦେଶର ଉଭୟ ଅର୍ଥନୈତିକ ଏବଂ ସାମାଜିକ ବ୍ୟବସ୍ଥାକୁ ବାଧାପ୍ରାପ୍ତ କରୁଛି କ୍ଷ ଦୁର୍ନୀତି ପାଇଁ ଦାୟୀ କିଛି ସାଧାରଣ କାରଣ ମଧ୍ୟରେ ରହିଛି ରାଜନୈତିକ ଓ ଅର୍ଥନୈତିକ ପରିବେଶ, ବ୍ୟବସାୟିକ ନିତି ଓ ନୈତିକତା ଏବଂ ଲୋକଙ୍କ ଅଭ୍ୟାସ, ପରମ୍ପରା, ଚାଲିଚଳଣ ଏବଂ ଜନସଂଖ୍ୟା ତତ୍ତ୍ୱ ।

'ଦୁର୍ନୀତି ' ଶବ୍ଦର ଆକ୍ଷରିକ ଅର୍ଥ , ଯାହା 'ନୀତି ବିରୁଦ୍ଧ ' ଅର୍ଥାତ୍ ଅସତ୍ ଉପାୟରେ ଅବଲମ୍ବନ କରି ନିଜର ସ୍ୱାର୍ଥ ପୂରଣ କରିବା, ଯାହା ଆଇନ ଆଖିରେ ମଧ୍ୟ ଦୃଷ୍ଟି ସଙ୍ଗତ ନୁହେଁ କ୍ଷ ପବିତ୍ର ଧର୍ମଗ୍ରନ୍ଥ 'ବାଇବଲ୍ ' ରେ ମଧ୍ୟ ଦୁର୍ନୀତି କୁ ପାପକର୍ମ ଅନ୍ତର୍ଭୁକ୍ତ କରାଯାଇଛି କ୍ଷ କୁହାଯାଇଛି :- " Do not accept a bribe, for a bribe blinds those who see and twist the words of the innocent." କିନ୍ତୁ ଇତିହାସ ସାକ୍ଷୀ ଅଛି, ଦୁର୍ନୀତି ମନୁଷ୍ୟକୃତ ଆଇନ ବ୍ୟବସ୍ଥା ତିଆରି ହେବା ଦିନ ଠାରୁ ଆମ ସମାଜରେ ରହିଆସିଛି କ୍ଷ ତାହା ବର୍ତ୍ତମାନ ଦୁର୍ନୀତି ରାକ୍ଷସର ରୂପ ନେଇସାରିଛି କ୍ଷ ଏହା ପ୍ରଶାସନିକ ଏବଂ ରାଜନୈତିକ କାର୍ଯ୍ୟ ଦକ୍ଷତା ପ୍ରଣାଳୀକୁ ଗଭୀର ଭାବରେ କ୍ଷତି ପହଞ୍ଚ?ଇଛି କ୍ଷ ବିଖ୍ୟାତ ଦାର୍ଶନିକ, କୂଟନୀତିଜ୍ଞ ଏବଂ ଆଇନଜୀବୀ ସାର୍ ଫ୍ରାନ୍ସିସ୍ ବେକନ୍ ମଧ୍ୟ ଲାଞ୍ଚ ଦେବା ଏବଂ ନେବା ପାଇଁ ବେଶ ଜଣାଶୁଣା ଥିଲେ କ୍ଷ ଥରେ ଇଂଲଣ୍ଡରେ ଲାଞ୍ଚ ନେବା ଅବସ୍ଥାରେ ଧରାପଡିବା ପରେ ସେ ଅତି ସହଜ ଭାବରେ କହିଥିଲେ,' ଯେ ସେ ଉଭୟ ଦଳ ପକ୍ଷରୁ ଲାଞ୍ଚ ନିଅନ୍ତି, କାରଣ ପଇସା ହେଉଛି ବହୁତ ଖରାପ ଜିନିଷ, ଏବଂ ସେ ଉଭୟ ପକ୍ଷରୁ ଲାଞ୍ଚ ନେଲେ ତାଙ୍କୁ ମତ ନେବା ସମୟରେ କିଛି ପାତର ଅନ୍ତର କରିବାକୁ ହୁଏନାହିଁ କ୍ଷ ' ମାତ୍ର ପାର୍ଲାମେଣ୍ଟ ତାଙ୍କ କଥାରେ ରାଜି ହେଲେ ନାହିଁ ଏବଂ ତାଙ୍କୁ ଦୋଷୀ ମନେକରି ଜେଲଦଣ୍ଡ ଦିଆଗଲା କ୍ଷ ମାତ୍ର ଅଳ୍ପ କିଛିଦିନ ଜେଲଦଣ୍ଡ ଭୋଗିବା ପରେ ସେ ମୁକୁଳି ଯାଇଥିଲେ କାରଣ ସେ ନ୍ୟାୟାଳୟର ମୁଖ୍ୟ ( ଜଜ୍ )ଙ୍କୁ ଲାଞ୍ଚ ଦେବାରେ ସମର୍ଥ ହୋଇଥିଲେ ।

ଏଇଠି ଉଦାହରଣ ଦେବାର ଉଦ୍ଦେଶ୍ୟ ହେଲା, ଦୁର୍ନୀତି ସମାଜରେ ସେବେ ଠାରୁ ଅଛି, ମାତ୍ର ଏଇ କିଛି ବର୍ଷ ହେଲା ଏହା ଅଧିକ ଲୋକଲୋଚ଼ନ କୁ ଆସିପାରିଛି କ୍ଷ ଲୋକ ଏହାକୁ ଅଧିକ ଗୁରୁତ୍ୱ ଦେବା ଆରମ୍ଭ କଲେଣି । ଏହା ପ୍ରତି ସଚେତନ ହେଲେଣି ଏବଂ ଏହା ବିରୋଧରେ ସ୍ୱର ଉତ୍ତୋଳନ ମଧ୍ୟ କଲେଣି । ଏବେ ଦୁର୍ନୀତି ଯୋଗୁଁ ହେଉଥିବା କ୍ଷତି ଉପରେ ନଜର ପକେଇବା :-

ଦୁର୍ନୀତି ଗୋଟିଏ ଦେଶର ଅର୍ଥନୈତିକ ବିକାଶ, ବ୍ୟବସାୟିକ କାର୍ଯ୍ୟଦକ୍ଷତା, ନିଯୁକ୍ତି ଏବଂ ଅର୍ଥ ବିନିଯୋଗ ବ୍ୟବସ୍ଥା କୁ ବାଧାପ୍ରାପ୍ତ କରେ ।

ଦେଶର ରାଜସ୍ୱ କର କୁ ହ୍ରାସ କରିବା ସହିତ ବିଭିନ୍ନ ଆର୍ଥିକ ସାହାଯ୍ୟ ପ୍ରଦାନକାରୀ ପ୍ରଣାଳୀଙ୍କୁ କ୍ଷତି ପହଞ୍ଚ?ଇଥାଏ ।

ଦୁର୍ନୀତିର ଆଧିକ୍ୟ ଲୋକଙ୍କର ଆଇନ ବ୍ୟବସ୍ଥା ଉପରେ ଥିବା ବିଶ୍ୱାସ କୁ ଧୀରେ ଧୀରେ କମେଇ ଚାଲିଛି ।

ଶିକ୍ଷା ବ୍ୟବସ୍ଥା, ଯୋଗ୍ୟତାର ଆଧାରରେ ହେଉଥିବା କାର୍ଯ୍ୟ ସବୁ ଦୁର୍ନୀତିର ପ୍ରବେଶ ଦ୍ୱାରା ଅବ୍ୟବସ୍ଥିତ ଏବଂ ବିଶୃଙ୍ଖଳିତ ହେଉଛି ।

ଦୁର୍ନୀତିର ସବୁଠାରୁ ବଡ଼ ଏବଂ ଚିନ୍ତାଜନକ ପାର୍ଶ୍ୱ ହେଉଛି ଲାଞ୍ଚ ନେବା କ୍ଷ ଭାରତରେ ୮୯ % ଲୋକ ଦୁର୍ନୀତି କୁ ବଡ଼ ସମସ୍ୟା ମନେ କରନ୍ତି, କିନ୍ତୁ ଲଜ୍ୟାର ବିଷୟ ଜାଣତରେ ସେହି ଦୁର୍ନୀତି ରେ ନିଜେ ବି ଅଳ୍ପ ? ବହୁତେ ଅଂଶ ଗ୍ରହଣ କରନ୍ତି କ୍ଷ ଏସିଆ ମହାଦେଶରେ ଭାରତରେ ସବୁଠାରୁ ଅଧିକ ଲାଞ୍ଚ କାରବାର ଏବଂ ବ୍ୟକ୍ତିଗତ ସମ୍ପର୍କର ବ୍ୟବହାର କରାଯାଏ କ୍ଷ ଲାଞ୍ଚ ଦେଉଥିବା ୫କ୍ଷ % ଲୋକଙ୍କୁ ଲାଞ୍ଚ ଦେବାପାଇଁ ବାଧ କରାଯାଏ କ୍ଷ କାରଣ ଲାଞ୍ଚ ନ ଦେଲେ କିଛି କାମ ହିଁ ହେଉନାହିଁ କ୍ଷ ଭାରତ ପଛକୁ ଲାଞ୍ଚ ନେବାରେ କମ୍ବୋଡ଼ିଆ ଦ୍ୱିତୀୟ ଏବଂ ଇଣ୍ଡୋନେସିଆ ତୃତୀୟ ସ୍ଥାନ ଅଧିକାର କରିଛି । ବିଶେଷକରି ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଲାଞ୍ଚ କାରବାର ମହାମାରୀ ଭଳି ମାଡି ଗଲାଣି କ୍ଷ ମନ୍ଥର ଏବଂ ଜଟିଳ ପ୍ରଶାସନିକ ବ୍ୟବସ୍ଥା, ଫାଇଲପତ୍ରରେ ହେର୍ ଫେର୍, ଅସ୍ପଷ୍ଟ ନିୟମ କାନୁନ ଯୋଗୁଁ ପ୍ରତ୍ୟେକ ନାଗରିକ ନିଜ କାମ ହେବା ପାଇଁ ବିକଳ୍ପ ବାଟ ଖୋଜୁଛନ୍ତି । ବାରମ୍ବାର ଅଫିସ ଗୈଡିବା ପରିବର୍ତ୍ତ ଲାଞ୍ଚ ଦେଇ ସହଜରେ କାମ କରିନେବାକୁ ଚାହୁଁଛନ୍ତି ।

ଅର୍ଥଶାସ୍ତ୍ରର ରଚୟିତା କୌଟିଲ୍ୟ ମଧ୍ୟ ଦୁର୍ନୀତି ଓ ଲାଞ୍ଚ ବିରୋଧ ସମ୍ପର୍କରେ ବିସ୍ତୃତ ଭାବରେ ଉଲ୍ଲେଖ କରିଛନ୍ତି କ୍ଷ ତାଙ୍କ ମତରେ ଦୁର୍ନୀତି ହେଉଛି ଏକ ମାନସିକତା । ପୂର୍ବ ସରକାରୀ ସମ୍ପତ୍ତି ରାଜାଙ୍କ ବ୍ୟକ୍ତିଗତ ସମ୍ପତ୍ତି ହୋଇଥିବାରୁ କମ ଦୁର୍ନୀତି ହେଉଥିଲା, ମାତ୍ର ତାହା ଏବେ ସରକାରଙ୍କ ସମ୍ପତ୍ତି ଅନ୍ତର୍ଭୁକ୍ତ ହେଉଥିବାରୁ ; ସେଇ ଅର୍ଥ ଆତ୍ମସ୍ମାତ୍ କରିବାର ସୁଯୋଗ ସବୁବେଳେ ଖୋଜାଯାଉଛି କ୍ଷ କେଉଁ ଅଧିକାରୀ କେବେ ଏବଂ କେତେ ଦୁର୍ନୀତି ବ୍ୟାପାରରେ ଲିପ୍ତ ତାହା ଜାଣିବା କଷ୍ଟକର ହେଉଛି କ୍ଷ ଅର୍ଥ ଆତ୍ମସାତ୍ କରିବାର ଅନେକ ଉପାୟ ମଧ୍ୟରେ ରହିଛି ସରକାରୀ ସମ୍ପତ୍ତିର ଅପବ୍ୟବହାର, କାଗଜପତ୍ର ଜାଲିଆତି, କାମରେ ଠକେଇ, ମିଛ ବଜେଟ୍, ଅସମାନ ଦରଦାମ, ସରକାରୀ ରାଜସ୍ୱର ଦୁର୍ବିନିଯୋଗ, ଟଙ୍କା ଲାଞ୍ଚ ନେବା, ସାଧାରଣ ଲୋକଙ୍କୁ ହଇରାଣ କରିବା ଏବଂ ସରକାରୀ ଅର୍ଥକୁ ଭୁଲ ବାଟରେ ଖର୍ଚ୍ଚ କରିବା କ୍ଷ ଏସବୁ କାରବାର ଏବେ ମଧ୍ୟ ନିର୍ବିଘ୍ନରେ ଚାଲିଛି ।

ଏଣୁ କୁହାଯାଇପାରିବ ଯେ ସମଗ୍ର ବିଶ୍ୱରେ ଦୁର୍ନୀତି, ଅର୍ଥ ହଡ଼ପ ଏବଂ ଲାଞ୍ଚ ବହୁ ଆଗରୁ ଚାଲିଆସିଛି କ୍ଷ ବ୍ରିଟିଶ ସରକାର ନିଜର ସ୍ୱାର୍ଥ ସାଧନ ପାଇଁ ଦୁର୍ନୀତିକୁ ନୀତିରେ ପରିଣତ କରିଥିଲେ କ୍ଷ ନିଜ କାମକୁ କରେଇନେବା ପାଇଁ ଲାଞ୍ଚ ନେବା ଭଳି ଏକ ଅଶୁଦ୍ଧ ପରମ୍ପରା ଆରମ୍ଭ ହୋଇଥିଲା ଯାହା ଆଜି ବୃଦ୍ଧି ପାଇଛି ପଛକେ କମିଯାଇ ନାହିଁ କ୍ଷ କୌଣସି ସରକାରୀ ବିଭାଗ ଏଥିରୁ ବାଦ୍ ପଡ଼ିନାହାନ୍ତି କ୍ଷ ଏହି ବ୍ୟାପକ ଦୁର୍ନୀତି ଫଳରେ ଦେଶର ବିକାଶ ବ୍ୟବସ୍ଥା ମଧ୍ୟ ବାଧାପ୍ରାପ୍ତ ହୋଇଛି କ୍ଷ ଧନୀଲୋକ ଅଧିକ ଧନୀ ଏବଂ ଗରିବ ଲୋକ ଅଧିକ ଗରିବ ହେବାରେ ଲାଗିଛନ୍ତି । ସମଗ୍ର ଏସିଆ ମହାଦେଶରେ ଭାରତ ଲାଞ୍ଚ କାରବାର ଲିପ୍ତ ଦେଶମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରି ଏକ ଲଜ୍ୟାଜନକ କୀର୍ତ୍ତି ସ୍ଥାପନ କରିଛି ।

ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ଯେ ସୁଇସ୍ ବ୍ୟାଙ୍କରେ ଧନୀ ବ୍ୟକ୍ତିଙ୍କ ଜମାରାଶିକୁ ଭାରତୀୟ ମାନଙ୍କ ମଧ୍ୟରେ ବାଣ୍ଟିଦେଲେ ଜଣ ପିଛା ୧୫ ଲକ୍ଷ ଟଙ୍କା ପଡ଼ିବ କ୍ଷ ଅପରପକ୍ଷେ ଭିଜିଲାନ୍ସରେ ଧରା ପଡୁଥିବା ବ୍ୟକ୍ତିଙ୍କ ଭିତରେ ଅନେକ ସଂଖ୍ୟାରେ ତଳିଆ କର୍ମଚାରୀ ଅନ୍ତର୍ଭୁକ୍ତ । ଆଉ ଯେଉଁମାନେ ଧରା ପଡ଼ି ଜେଲ୍ ଯାଆନ୍ତି, ସେ ଭିତରୁ କିଛି ପ୍ରମାଣ ଅଭାବରେ ନିର୍ଦ୍ଦୋଷରେ ଖଲାସ୍ ହେଉଛନ୍ତି । ୨କ୍ଷ୧୧ ରେ ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ କରିଥିଲେ ଆନ୍ନା ହଜାରେ । ଏହା ଆମ ଦେଶ ସମେତ ସମଗ୍ର ବିଶ୍ୱରେ ପ୍ରଭାବ ପକେଇଥିଲା । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ ଏହି ଆନ୍ଦୋଳନ ସରକାର ତ ପରିବର୍ତ୍ତନ କରିଦେଲା, ମାତ୍ର ଦୁର୍ନୀତିର ମୂଳ ଉତ୍ପାଟନ କରିବାରେ ଅସଫଳ ରହିଲା କ୍ଷ ଦୁର୍ନୀତି କୁ ରୋକିବା ପାଇଁ ଭିଜିଲାନ୍ସ, ଲୋକପାଳ ଏବଂ ଲୋକଯୁକ୍ତ ନିଯୁକ୍ତି କରାଯାଇଥିଲେ ମଧ୍ୟ ଏହାର ସମୂଳେ ନାଶ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ରହିଛି କ୍ଷ ଏହାର ନିୟନ୍ତ୍ରଣ ପାଇଁ ସର୍ବପ୍ରଥମେ ଆବଶ୍ୟକତା ରହିଛି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ମାନସିକତାରେ ପରିବର୍ତ୍ତନ ।

ଦୁର୍ନୀତି ଛୋଟ ହେଉ କି ବଡ଼ ସମସ୍ତଙ୍କ ପାଇଁ ସମାନ ଦଣ୍ଡବିଧାନ, ଦୁର୍ନୀତି ନିବାରଣ ଆଇନ କୁ କଡାକଡି ଭାବରେ ପାଳନ ଏବଂ ଏହାକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିକୁ ମଧ୍ୟ ଦୋଷୀ ସାବ୍ୟସ୍ତ କରି କଠୋର ଦଣ୍ଡ ବିଧାନ ବ୍ୟବସ୍ଥା କଲେ ଏହାକୁ ବହୁ ପରିମାଣରେ ରୋକାଯାଇପାରିବ କ୍ଷ ଗୁପ୍ତ ସୂଚ଼ନା ପ୍ରଦାନକାରୀ ଦଳ ଗଠନ କରି ସେମାନଙ୍କ ଉପରେ ନଜର ରଖାଯାଇପାରିବ କ୍ଷ ଦୋଷ ଧରା ପଡିବା ପରେ ଅର୍ଥ କିମ୍ବା ଜେଲଦଣ୍ଡ ସହିତ ଦୁର୍ନୀତିଲିପ୍ତ ଅଧିକାରୀଙ୍କ କଳା କାରନାମାକୁ ସର୍ବସାଧାରଣଙ୍କ ସମ୍ମୁଖକୁ ଆଣିବାକୁ ହେବ କ୍ଷ ଫଳରେ ଲୋକମାନେ ଦୁର୍ନୀତି କରିବାକୁ ଭୟ ପାଇବେ ଏବଂ ଲୋକଲଜ୍ଜା ରେ ଏଭଳି କାମରୁ ବିରତ ହେବେ ।

*ଫୋନ - ୯୦୭୮୨୦୫୭୭୭ କଳନ୍ଧିରା, ବିରିଡ଼ି, ଜଗତସିଂପୁର, ୭୫୪୧୩୦*

# ଦୁର୍ଗା ଦେବୀଂ ଶରଣମହଂ.....


ଗିରିଧାରୀ ସାମଲ

ଶକ୍ତି ପୂଜାର ପରମ୍ପରା ବୈଦିକ କାଳରୁ ରହିଆସିଛି । ଅବଶ୍ୟ କିଛି ସମାଲୋଚକ ଶକ୍ତିପୂଜାର ବୈଦିକତ୍ୱ ନେଇ ପ୍ରଶ୍ନ ଉଠାନ୍ତି । ଅନେକଙ୍କ ମତରେ ଶକ୍ତିପୂଜା ବୈଦିକ ସମୟରେ ନଥିଲା । ସେମାନେ କହନ୍ତି ଯେ ଯାହା ବୈଦିକ ନୁହେଁ, ତହିଁରେ ହିନ୍ଦୁ ଧର୍ମର ମୌଳିକତା ନଥାଏ । ତା ଅର୍ଥ ଶକ୍ତି ପୂଜା ହେଉଛି ପରବର୍ତ୍ତୀ ସମୟର ସୃଷ୍ଟି ବା କଳ୍ପନା ମାତ୍ର । କିନ୍ତୁ ଭାରତବର୍ଷର ଧାର୍ମିକ ଚଳଣିରେ ଯେତେ ଦେବଦେବୀଙ୍କୁ ଉପାସନା କରାଯାଏ, ସମସ୍ତେ ବୈଦିକ । କେହି ଅବୈଦିକ ନୁହନ୍ତି । ବିଖ୍ୟାତ ଭାଷ୍ୟକାର ଶାୟନାଚାର୍ଯ୍ୟ କହନ୍ତି 'ତମାଗ୍ନି ବର୍ଣ୍ଣାଂ ତପସା ଜ୍ୱଳନ୍ତାଂ ବୈରୋଚନୀଂ କର୍ମଫଳେଷୁ ଜୁଷ୍ଟାଂ । ଦୁର୍ଗା ଦେବୀଂ ଶରଣମହଂ ପ୍ରପଦ୍ୟେ ସୁତରତି ତରସେ ନମଃ ।' ଏଇଟି ଋଗ୍‌ବେଦର ମନ୍ତ୍ର । ଏଥିରେ ଯେଉଁ 'ଅଗ୍ନି ବର୍ଣ୍ଣାଂ' 'ତପସାଜ୍ୱଳନ୍ତୀଂ', 'ବୈରୋଚନୀଂ', 'ଦେବୀଂ' ପ୍ରଭୃତି ବିଶେଷଣ ରହିଛି ତାହା ସ୍ପଷ୍ଟତଃ 'ଦୁର୍ଗା'ଙ୍କ ଉଦ୍ଦେଶ୍ୟରେ । ଏଣୁ ଦୁର୍ଗା ଉପାସନା ଯେ ବୈଦିକ, ଏଥିରେ ସନ୍ଦେହର ଅବକାଶ ନାହିଁ । କିନ୍ତୁ ସ୍ୱାମୀ ଜଗଦୀଶ୍ୱରାନନ୍ଦଭ୍କ ଭଳି ଶାସ୍ତ୍ରଜ୍ଞଙ୍କ ମତରେ ଏହା ନାରାୟଣୀୟୋପନିଷଦର ମନ୍ତ୍ର । ସେ କହନ୍ତି ଉପନିଷଦ୍ ହେଉଛି ବେଦର ପରବର୍ତ୍ତୀ କାଳର ସୃଷ୍ଟି । ଏଣୁ ଦେବୀଙ୍କ ସ୍ତୋତ୍ର ବୈଦିକ ନୁହେଁ । କିନ୍ତୁ ଜଗଦୀଶ୍ୱରାନନ୍ଦଙ୍କ ମତରେ ଅନେକ ବିରୋଧ କରନ୍ତି । ସେମାନେ କହନ୍ତି ଯେ ଏ ମନ୍ତ୍ର ଋକ୍ ବେଦର ହେଉ ବା ଉପନିଷଦର ହେଉ, ସେଥିରେ ମହାଦେବୀ ଦୁର୍ଗାଙ୍କ ବୈଦିକତ୍ୱରେ କୌଣସି ଆଞ୍ଚ ଆସିବାର ସମ୍ଭାବନା ନାହିଁ । କାରଣ ବୈଦିକ ସାହିତ୍ୟ କହିଲେ ଉପନିଷଦକୁ ବି ବୁଝାଏ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪




# ଚାରୁ ଚିତ୍ରପଟ


ସୁଦର୍ଶନ ମହାପାତ୍ର

ଏତେ ସମୟ ଧରି ମୁଁ ଯାହାଙ୍କ କଥା ଭାବି ଚାଲିଛି ତାଙ୍କରି ଫୋନ୍ କୁ ହିଁ ଅପେକ୍ଷା କରିଛି। ମୋତେ ଲାଗୁଛି ଏଇ ରକମର ଅପେକ୍ଷା କେବେ କାହାକୁ ଏଯାବତ କରିଥିବି କି ନା !

ମୁଁ ଯାହାଙ୍କ କଥା କହୁଛି ସେ ସପନ। ମୋର ତାଙ୍କ ସହିତ ସମ୍ପର୍କ କେବଳ ଗୋଟିଏ ବର୍ଷର। ସେ ପୁଣି ଆଜକୁ ଚାଳିଶି ବର୍ଷ ତଳେ। ସେତେବେଳେ ଆମେ ଦୁହେଁ ହାଇସ୍କୁଲର ଶେଷ ବର୍ଷର ଛାତ୍ର। ମୋ ବାପାଙ୍କର ଟ୍ରାନ୍ସଫର ହେଲା ପତ୍ରପୁର ଷ୍ଟେଟ ବ୍ୟାଙ୍କ ଆଉ ମୋର ନାଁ ଲେଖା ହେଲା ସ୍ଥାନୀୟ ହାଇସ୍କୁଲରେ।

ଚାରୁ ଚିତ୍ରପଟ ପରି ଆଖି ସାମ୍ନାରେ ଭାସି ଉଠୁଛି ଅତୀତ।

ମୋର ଏବେ ବି ମନେ ଅଛି ସେଇ ସ୍କୁଲରେ କଟିଥିବା ମୋର ପ୍ରଥମ ଦିନ କଥା। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶରେ ସ୍କୁଲର ପିଅନ ଆଣି କ୍ଲାସରେ ଛାଡି ଦେଇଗଲା। ମୋର ନଜର ପଡିଲା କ୍ଲାସରେ ପଛ ବେଞ୍ଚରେ ବସିଛି ଗୋଟିଏ ପିଲା ଆଉ ମୁଁ ସେଇ ଆଡକୁ ଅଗ୍ରସର ହେଲି। ଦେଖିଲି ପିଲାଟିର ବାବୁରି ବାଳ, ଗୌର ବର୍ଣ୍ଣ, ସୁନ୍ଦର ସୁଢଳ ସରଳ ମୁହଁ....!

-' ତୁମ ନାଁ କ'ଣ ?'

-' ସପନ।' ଅତି ଧିର ସ୍ୱର।

-' ମୋ ନାଁ ସୁବ୍ରତ...। ସୁବ୍ରତ ମିଶ୍ର।' ନିଜର ପରିଚୟ ଦେଲି।

ସେତିକି ପରିଚୟ ଆଦାନ ପ୍ରଦାନ ପରେ କଥାବାର୍ତ୍ତାର ଖିଅ ବଢ଼ିଲା।ଏଇ ଯେମିତି ମୁଁ ପଚାରି ବସିଲି ହାଇସ୍କୁଲର ନାଁ କେମିତି 'ସାମନ୍ତ ସିଂହାର କେଳୁଚରଣ ହାଇସ୍କୁଲ' ରହିଲା। ପ୍ରଧାନଶିକ୍ଷକ ହରେକୃଷ୍ଣ ଲେଙ୍କା କେମିତିକା ? ଆହୁରି ଏମିତି କେତେ ପ୍ରଶ୍ନର ଉତ୍ତର ସେ ଦେଇ ଚାଲିଥିଲେ ଯଥା ସମ୍ଭବ ସଂକ୍ଷେପରେ।

-' ଶ୍ରେଣୀରେ ସବୁଠୁ ଭଲ ପଢେ କିଏ ? '

ଏଇ ପ୍ରଶ୍ନର ଉତ୍ତର ଦେବାକୁ ତାଙ୍କୁ କିଛି ସମୟ ଲାଗିଲା ଏବଂ ଶେଷରେ ମୋ ଆଖିକୁ ଧିରେ ଚାହିଁ କହିଲେ: 'ପ୍ରଭା। ପୁରା ନାଁ ସୁପ୍ରଭା ପରିଡ଼ା।'

ସେତେବେଳ ଯାଏଁ ମୋ ଆଖି କ୍ଲାସର ଆଗ ବେଞ୍ଚରେ ବସିଥିବା ଝିଅ ମାନଂକ ଆଡକୁ ଲମ୍ବି ନଥିଲା। ତାଙ୍କ ନିର୍ଦ୍ଦେଶିତ ଠାର ବୁଝି ସବା ଆଗ ଧାଡିରେ ଚୁପ୍ ଚାପ୍ ବସିଥିବା ଝିଅ ଆଡକୁ ନଜର ନେଲି।

: ସେଇ... ?' ଧୀରେ ପଚାରିଲି।

ସପନ ସ୍ୱୀକୃତି ସୂଚକ ମୁଣ୍ଡ ହଲେଇଲେ ।

-' ଝିଅଟି ପଢ଼ାରେ ଯେମିତି, ସୁନ୍ଦର ବି ସେମିତି। ଧନୀ ଘରର ଝିଅ ବୋଲି ଜଣା ଯାଉଛି।'

ମୋ କଥାରେ ସପନଙ୍କ ମୁହଁରେ ହସ ଫୁଟିବାର ଦେଖିଲି।

ଏଇ ସମୟରେ ଶ୍ରେଣୀରେ ପ୍ରବେଶ କଲେ କ୍ଲାସ ଟିଚ୍ର ରଙ୍କନିଧି ସାର୍। ସେ ଗଣିତ ପଢାନ୍ତି ବୋଲି ଜାଣିଲି। ଉପସ୍ଥାନ ନିଆଗଲା ତ ସବାଶେଷକୁ ଡକାହେଲା ମୋ ନାଁ ଆଉ ସମସ୍ତେ ମୋ ଆଡକୁ ଘୁରି ଚାହିଁଲେ।

-' ଗତ ପରୀକ୍ଷାରେ କେତେ ପରସେଣ୍ଟ ଥିଲା ?' ସାରଙ୍କ ଅକସ୍ମାତ ପ୍ରଶ୍ନରେ ମୁଁ ହଡ଼ବଡ଼ ?ଇ ଗଲି।

-' ସାର୍,ପଞ୍ଚାନବେ ଦଶମିକ ଚାରି।'

ଯା ପରଠାରୁ ସପନ ଆଉ ମୋ ସହିତ ବେଶୀ କଥାବାର୍ତ୍ତା ହେଉନଥିଲେ। ଅନ୍ୟ ପିଲାଙ୍କ ଠାରୁ ଜାଣିଲି ସପନଙ୍କର ଗତ ପରୀକ୍ଷାରେ ଅଠାଅଶୀ ପରସେଣ୍ଟ ଥିଲା। ମୁଁ ବୁଝି ପାରିଲି ସପନଙ୍କର ମୋ ପ୍ରତି ବୀତସ୍ପୃହତାର କାରଣ।

ହେଲେ ମୁଁ ସପନଙ୍କୁ ହିଁ ମୋର ବନ୍ଧୁ ବୋଲି ବିଚାରୁଥିଲି ଏବଂ ତାଙ୍କରି ପାଖରେ ହିଁ ସବୁଦିନ ବସିଲି।

-' ତୁମେ ଖୁବ୍ ମେଧାବୀ ଏବଂ ଚାହିଁଲେ ସୁପ୍ରଭାଙ୍କ ଠାରୁ ଅଧିକ ମାର୍କ ବି ଆଣିପାରନ୍ତ ବୋଲି କେତେ ଜଣ ପିଲାଙ୍କ ଠାରୁ ଜାଣିଲି।' ମୋ ଠାରୁ ବୋଧହୁଏ ଏମିତି କିଛି ଶୁଣିବେ ବୋଲି ବିଶ୍ୱାସ କରିନଥିଲେ ସପନ। କିଛି ଦିନ ଧରି ଭଲ ଭାବରେ କଥା ହେଉନଥିବା ସପନ କହିଲେ -' ସୁପ୍ରଭା ମୋ ଠାରୁ ବେଶୀ ମାର୍କ ରଖିଲେ ମୋତେ ଭଲଲାଗେ।'

ଧିରେ ଧିରେ ସପନଙ୍କ ମୋ ସହିତ ପୁଣି ଅନ୍ତରଙ୍ଗ ହୋଇଗଲେ ଏବଂ ସବୁ ବିଷୟ ମୋ ସହିତ ବାଣ୍ଟିବାକୁ ଚାହୁଁଥିଲେ ବୋଲି ମୁଁ ବୁଝି ପାରିଲି।

ଦିନେ କ୍ଲାସରେ ରିସେସ ସମୟରେ ସେ ମୋତେ ତାଙ୍କ ରଚିତ କବିତା ଗୁଡ଼ିକ ଦେଖାଇଲେ। ମୁଁ ଚକିତ ହୋଇ ତାଙ୍କ ମୁହଁକୁ ଚାହିଁଲି। ସପନ କବିତା ଲେଖନ୍ତି ବୋଲି ଜାଣି ମୋର ତାଙ୍କ ପ୍ରତି ଗଭୀର ଅନୁରକ୍ତି ଆସିଗଲା।

ମୋ ପାଇଁ କବିତା ଗୁଡିକ ଦୁର୍ବୋଧ ଥିଲା। ତଥାପି ମୁଁ ପଢି ଚାଲିଥିଲି। ହଠାତ୍ ମୋ ଆଖି ସ୍ଥିର ରହିଗଲା ଗୋଟିଏ କବିତା ଉପରେ। ଶୀର୍ଷକ ' ପ୍ରଭା ପାଇଁ..'।

ଥରେ ନୁହେଁ, ତିନି ଥର ପଢିଲି କବିତାଟିକୁ।

-' ସୁପ୍ରଭାକୁ ତୁମେ ଭଲ ପାଅ ?'

ମୋ ଠାରୁ ଏମିତି ପ୍ରଶ୍ନ ଶୁଣି କିଛି କ୍ଷଣ ନୀରବ ରହିଲେ ସପନ।ଇସାରାରେ ମୋତେ ନୀରବ ରହିବାକୁ କହିଲେ।

-' ଏକଥା କାହାକୁ ବି କହିବିନି। ଅନର୍ଥ ହୋଇଯିବ।ରଙ୍କସାର୍ ଙ୍କ ପାଖରେ ଖବର ପହଞ୍ଚିଗଲେ ଆଉ ତ୍ରାହି ନାହିଁ।'

ହେଲେ ପରଦିନ କ'ଣ, ସବୁଦିନ ସେ ସେଇ କବିତା ଲେଖା ଫରଦ୍ଦ ଗୁଡ଼ିକ ବ୍ୟାଗରେ ସେ ଆଣନ୍ତି ବୋଲି ମୁଁ ଜାଣିଲି।

-' ସୁପ୍ରଭା ଜାଣନ୍ତି ତୁମେ ତାଙ୍କୁ ଭଲପାଅ ବୋଲି ?' ଦିନେ ପଚାରିଲି।

-' ନା ନା। ଏକଥା ତାଙ୍କର ଜାଣିବା ଦରକାର ନାହିଁ। ବାସ୍ ମୁଁ ଖାଲି ତାଙ୍କୁ ଭଲପାଏ।'

ଅଜବ ଲାଗୁଥିଲା ସପନଙ୍କ ବ୍ୟବହାର । ଏମିତି କେମିତି ସମ୍ଭବ ? ଯାହା ସହିତ ଏ ବିଷୟରେ କେବେ କଥା ହୋଇ ନାହାନ୍ତି, ତାକୁ କେମିତି ଭଲ ପାଇହେବ, ତାଙ୍କ ଉଦ୍ଦେଶ୍ୟରେ କବିତା ଲେଖିହେବ ?

-' କାହାକୁ ଭଲପାଇବା କ'ଣ ଖରାପ କଥା ? ହଠାତ୍ ଦିନେ ପଚାରିଲେ ସପନ।

-' ତୁମ ଭଲପାଇବାଟା କିନ୍ତୁ ପାପ।ଜଣଙ୍କ ଅଜଣାତରେ ତାକୁ ଭଲପାଇବା ଏବଂ ତାକୁ ନେଇ କବିତା ଲେଖିବା ଖରାପ କଥା।' ମୁଁ ଏମିତି ମଜାରେ କହିଲି।

-' ହେଉ ମୋର ପାପ। ତୁମକୁ ଭଲ ଲାଗନ୍ତିନି ସୁପ୍ରଭା..?' ଓଲଟା ପ୍ରଶ୍ନ ମୋତେ।

-' ବେଶ୍ ଭଲ ଝିଅଟେ।ଭଲ ପାଠ ପଢେ। ଚୁପ୍ ଚାପ୍ ରହେ।'

-' ସେ ମୋତେ କେମିତି ଲାଗନ୍ତି ମୁଁ କିନ୍ତୁ ବୁଝାଇ ପାରିବିନି ତୁମକୁ। ମୋତେ ଲାଗେ ଏ ଦୁନିଆରେ ମୋର ଆଉ କିଛି ଦୁଃଖ ନାହିଁ, ଆବଶ୍ୟକତା ନାହିଁ।

ଅଷ୍ଟମରେ ମୋର ତାଙ୍କ ଠାରୁ ବେଶୀ ମାର୍କ ଥିଲା। କେତେ ଦିନ ପର୍ଯ୍ୟନ୍ତ ସେ ଉଦାସ ଦିଶିଲେ।ତେଣୁ ତା ପରଠୁ ମୁଁ ତାଙ୍କ ଠାରୁ ଖରାପ ମାର୍କ ଆଣିବାକୁ ଚେଷ୍ଟା କରେ। ଭଗବାନଙ୍କୁ ପ୍ରାର୍ଥନା କରେ ତାଙ୍କୁ ସବୁ ଖୁସି ମିଳୁ।ତାଙ୍କୁ ଦୂରରୁ ଦେଖିଲେ ବି ମୋତେ ସନ୍ତୋଷ ମିଳେ। ସେଇ ଭାବରେ ତାଙ୍କ ପାଇଁ ମୁଁ କବିତା ଲେଖିଛି।'

ପ୍ରାର୍ଥନା ସମୟକୁ ହଠାତ୍ ଦିନେ ସୁପ୍ରଭାଙ୍କ ବାପା ସ୍କୁଲକୁ ଆସିଲେ। ଖୁବ୍ ଗମ୍ଭୀର ଦିଶୁଥିଲେ। ସ୍କୁଲରେ ସମସ୍ତେ ତାଙ୍କୁ ଚିହ୍ନନ୍ତି ବୋଲି ଲାଗିଲା। ହେଡ ସାର୍ ଙ୍କ ସହିତ କ'ଣ କଥା ହେଲେ ଏବଂ ତୁରନ୍ତ ଚାଲିଗଲେ।

ପ୍ରାର୍ଥନା ପରେ ଯଥାରୀତି ରଙ୍କ ସାର୍ କ୍ଲାସ କୁ ଆସିଲେ। ହାତରେ ଧରିଥିଲେ ଗୋଟିଏ ଲମ୍ବା ବେତ।

ସପନଙ୍କୁ ଡାକିଲେ ପାଖକୁ।

-' ଏଇଟା ତୁ ଲେଖିଚୁ ?'

ସାରଙ୍କ ଗର୍ଜନରେ ଗୋଟା କ୍ଲାସ ଥରି ଉଠିଲା। ସେଇ କାଗଜ ଖଣ୍ଡକୁ ଅବିଶ୍ୱାସ ଆଖି ନେଇ ସପନ ଦେଖୁଥିଲେ । ମୁହଁ ତଳକୁ କଲେ। ଅର୍ଥାତ୍... ସ୍ୱୀକାରୋକ୍ତି।

ସାଇଁ ସାଇଁ ହୋଇ ବେତ ତାଣ୍ଡବ ନାଚୁଥିଲା ସପନଙ୍କ ଦେହରେ। ପ୍ରଥମେ ପ୍ରଥମେ ତାଙ୍କ ପାଟିରୁ ବାହାରୁଥିବା ଆଃ.. ଆଃ.. ସ୍ୱର କ୍ରମେ ନୀରବି ଯାଇଥିଲା। ସେ କେବଳ ଚେଷ୍ଟା କରୁଥିଲେ ଦୁଇ ପାପୁଲିରେ ମୁହଁକୁ ଘୋଡାଇବା ପାଇଁ।

?ଶେଷକୁ ସେ ଚଟାଣରେ ବସି ପଡିଲେ। ଆଖିରୁ ବୋହି ଯାଉଥିଲା ଟୋପା ଟୋପା ଲୁହ। ସାର୍ ବି ବୋଧହୁଏ ଥକି ଯାଇଥିଲେ ସେତେବେଳକୁ।

-' ମଣିଷ ଜୀବନରେ ଚରିତ୍ର ବଡ଼କଥା। ଯାହାର ଚରିତ୍ର ଖରାପ ସେ ପଶୁତୁଲ୍ୟ। ଚରିତ୍ର ନଥିଲେ ସଫଳତା ନାହିଁ। ଏଭଳି ଜଣେ ମେଧାବୀ ପିଲା ଏମିତି ହୀନ ଚରିତ୍ର ହୋଇପାରେ ବିଶ୍ୱାସ କରି ହେଉନି। ସେଇଥିପାଇଁ ଶ୍ରେଣୀରେ ସବୁଠୁ ଭଲ ପଢୁଥିବା ପିଲା ଆଜି ତଳକୁ ଖସିଆସିଛି। ଆହୁରି ତଳକୁ ଖସିବ ଏଇଟା...!'

ଏମିତି କେତେ କ'ଣ ଆଉ ସବୁ ସାର୍ କହି ଚାଲିଥିଲେ। ବେଲ୍ ଶବ୍ଦରେ ପ୍ରକୃତିସ୍ଥ ହେଲେ ସାର୍ ଏବଂ କ୍ଲାସ୍ ଛାଡ଼ିଲେ। ସିଟ୍ କୁ ଆସିଲେ ସପନ। ସବୁ ପିଲା ତାଙ୍କ ଆଡକୁ ବିଦ୍ରୁପ ଭରା ଆଖିରେ ଚାହୁଁଥିଲେ। ପର କ୍ଲାସ ସବୁ ଚାଲିଥିଲା।ମୁଁ ତାଙ୍କୁ ଟିକେ ଆଉଁସି ଦେବାକୁ ଚାହିଁ ବି ପାରୁନଥିଲି। ମଝିରେ ମଝିରେ ଗଡ଼ି ଆସୁଥିବା ଲୁହ କୁ ପାପୁଲିରେ ପୋଛୁଥିଲେ ସପନ। ମୁଁ କାତରିତ ଥିଲି।

ଏମିତି ଏମିତି ମଧ୍ୟାହ୍ନ ବିରତି ଆସିଲା। ସବୁ ପିଲା କ୍ଲାସ ବାହାରେ ଥିଲେ। ସପନଙ୍କ ଆଡକୁ ବିକଳ ହୋଇ ଚାହିଁଲି। ତାଙ୍କ ଦେହସାରା ଲାଲ୍ ଟକଟକ ଦାଗ ଫୁଟି ଦିଶୁଥିଲା। ତାଙ୍କୁ ଛୁଇଁବାକୁ ଡର ମାଡୁଥିଲା।

-' ସପନ! ' ମୁଁ କାତର କଣ୍ଠରେ ଡାକିଲି। ସେ କିଛି ଜବାବ ଦେଲେ ନାହିଁ।

-' ସବୁ ଦୋଷ ମୋର। ତୁମକୁ ନକହି ସେ କବିତାକୁ ମୁଁ ହିଁ ସୁପ୍ରଭାଙ୍କ ବହି ଭିତରେ ରଖି ଦେଇଥିଲି। ଭାବିଥିଲି ସୁପ୍ରଭା ଙ୍କୁ ତୁମ ବିଷୟରେ ଜଣାଇବାକୁ। ଘଟଣା ଏମିତି ହେବ ବୋଲି ମୁଁ କେବେ ଚିନ୍ତା କରିନଥିଲି। ଭାବିଥିଲି ସମସ୍ତଙ୍କ ସାମ୍ନାରେ ମୋ ଦୋଷ ମାନି ଯିବାକୁ। ହେଲେ ଅକ୍ଷର ତ ତୁମର ! ମୋତେ କ୍ଷମା କରିଦିଅ।'

ସପନଙ୍କ ହାତ ଧରି ପକେଇଲି ତ ସେ ହାତ ଛିଞ୍ଚାଡି ଦେଲେ ମୋର। ମୁଁ ଆକୁଳ ହେଲି,ବିକଳ ହେଲି। ଶେଷକୁ ଜୋରରେ କାନ୍ଦି ଉଠିଲି। ସେତେବେଳକୁ କିଛି ପିଲା କ୍ଲାସ କୁ ଆସି ସାରିଥିଲେ ତ ଆମକୁ ଦେଖୁଥିଲେ।ଅଥଚ କ'ଣ ହୋଇଛି ବୋଲି କିଛି ବୁଝି ପାରୁନଥିଲେ ।

ସ୍କୁଲ ଛୁଟି ସମୟ ଆସିଲା।ହେଡ୍ ସାରଙ୍କ ଦଣ୍ଡ ବିଧାନ ସ୍ୱରୂପ ସପନଙ୍କୁ ଆହୁରି ଅଧଘଣ୍ଟା ସ୍କୁଲରେ ରହିବାକୁ ପଡିଲା। ଶୀତଦିନ। ଚାରିଆଡେ ଅନ୍ଧାର ଘୋଟି ସାରିଥିଲା।

ସପନ ବାହାରିଲେ ସ୍କୁଲ ହତାରୁ। ବିପର୍ଯ୍ୟସ୍ତ କେଶବାସ। ସ୍କୁଲ ଠାରୁ ଅଳ୍ପ ଦୂରରେ ଥିବା ଗଛ ଉହାଡରେ ଛପି ରହିଥିଲି ମୁଁ। ଉଦ୍ଦେଶ୍ୟ ତାଙ୍କୁ ମନେଇବା। ହଠାତ୍ ଗୋଟିଏ ଛାଇ ସପନଙ୍କ ନିକଟବର୍ତ୍ତୀ ହେବାର ମୋତେ ଦିଶିଲା ତ ମୁଁ ନିଜକୁ ଭଲଭାବରେ ଗଛ ଉହାଡରେ ରଖିବାକୁ ଚେଷ୍ଟା କଲି।

ସେଇ ଛାଇକୁ ମୁଁ ଚିହ୍ନିଲି। ସୁପ୍ରଭାଙ୍କୁ ହଠାତ୍ ସେଇଠି ଦେଖି ବିସ୍ମୟାବିଭୁତ ହୋଇଗଲି।

ସୁପ୍ରଭା ରୁମାଲ ରେ ସପନଙ୍କ ଆଖି ପୋଛୁଥିଲେ। ହେଲେ ତାଙ୍କ ଆଖିରୁ ଯେମିତି ଲୁହ ସରୁନଥିଲା..!

ମୁଁ ଥମକି ସେମିତି ଠିଆ ହୋଇଥିଲି। ସୁପ୍ରଭା କ'ଣ ସବୁ ସପନଙ୍କୁ କହୁଥିଲେ। ଟିକିଏ ପରେ ସପନ ସୁପ୍ରଭାଙ୍କ ଆଖିରୁ ଲୁହ ପୋଛୁଥିବାର ବି ମୋ ନଜରରେ ପଡିଲା।

ହଠାତ୍ ଯେମିତି ମୋ ଆଖି ଆଗରେ ଅଘଟଣ ଟିଏ ଘଟିଗଲା। ସୁପ୍ରଭା ସପନଙ୍କ ଆଡକୁ ଲାଗି ଆସି ପ୍ରଥମେ ତା କପାଳରେ ପରେ ଓଠରେ ଚୁମାଟିଏ ଦେଲେ ଏବଂ ଘର ମୁହାଁ ହେଲେ।

ମୁଁ ଛପିବା ଜାଗାରୁ ବାହାରିବାକୁ ଆଉ ଉଚିତ୍ ମନେ କଲି ନାହିଁ। ସପନ ମୋ ପାଖଦେଇ ଆଗେଇ ଗଲେ।

ପରଦିନ କିନ୍ତୁ ସପନ ସ୍କୁଲକୁ ଆସି ନଥିଲେ। ତା ପରଦିନ କୁ ବି ନୁହେଁ। କେତେ ଦିନ ପର୍ଯ୍ୟନ୍ତ ଅପେକ୍ଷା କଲାପରେ ବୁଝିଲି ଯେ ଏ ସ୍କୁଲରୁ ଟି.ସି. ନେଇ ସପନ ଙ୍କର ଅନ୍ୟ କେଉଁ ସ୍କୁଲରେ ଆଡ଼ମିଶନ କରି ଦେଇଛନ୍ତି ତାଙ୍କ ବାପା।ତା'ପରଠୁ ସପନଙ୍କ ସହିତ ମୋର ଆଉ ଦେଖା ହୋଇନଥିଲା।

ଦେଖା ହେଲା ପୁଣି କଟକ ଷ୍ଟେସନରେ ଗତକାଲି ରାତିରେ ଏବଂ ଦୀର୍ଘ ଚାଳିଶି ବର୍ଷ ପରେ। ସେ ପୁଣି ମାତ୍ର ଦୁଇ ତିନି ମିନିଟ ପାଇଁ। ମୁଁ ତପସ୍ୱିନୀ ଏକ୍ସପ୍ରେସରେ ଜଣେ ସମ୍ପର୍କୀୟ ଙ୍କୁ ଛାଡ଼ିବାକୁ ଆସିଥିଲି ତ ସପନ ସେଇ ବଗିରେ ଉଠିଲେ। ମୋତେ ଚିହ୍ନା ଚିହ୍ନା ଲାଗିଲେ। ସେ ମୋତେ ବି ସେଇ ଦୃଷ୍ଟିରେ ଦେଖୁଥିଲେ।

-' ସପନ ନା ! 'ମୋ କଣ୍ଠରେ ଉଚ୍ଛ୍ୱସିତ ସ୍ୱର।

- ' ସୁବ୍ରତ, ମାଇଁ ବେଷ୍ଟ ଫ୍ରେଣ୍ଡ୍...!' ସପନ ମୋତେ କୁଣ୍ଢେଇ ପକାଇଲେ ଗୋଟାପଣେ।

ଟ୍ରେନ ଛାଡ଼ିବାର ଉପକ୍ରମ କଲା ତ ତରତର ହୋଇ ମୁଁ ମୋ ଭିଜିଟିଂ କାର୍ଡ ଖଣ୍ଡେ ବଢେଇ ଦେଲି ତାଙ୍କ ହାତକୁ। ସେଇ ଯେ ଆସିଛି ତାଙ୍କ ଫୋନ୍ କୁ ଅପେକ୍ଷା କରୁ କରୁ ମୋର ଗଳ୍ପ ଲେଖା ଲେଖି ପାଇଁ ଉଦ୍ଦିଷ୍ଟ ଥିବା ଟେବୁଲ ଚେୟାର ପାଖରେ ରାତି ପାହି ଯାଇଥିଲା।

ବ୍ରସ୍ କରିବାକୁ ଉଠୁଛି ଫୋନ୍ ଆସିବାର ସୂଚନା ପାଇଲି। ମୁଁ ବିହ୍ୱଳିତ ହୋଇ ପଡ଼ିଲି।

-' ସୁବ୍ରତ, ମୁଁ ଏକମାତ୍ର ରାଉରକେଲାରେ ପହଞ୍ଚିଲି।ଆମ ଆଡ଼? କେବେ ବୁଲି ଆସିବାକୁ ମୋ ସହ ସୁପ୍ରଭାଙ୍କର ଅନୁରୋଧ। ପୁରୁଣା କଥା ମନେ ଅଛି ତ ସବୁ।ହାଃ..ହାଃ.. !ସାକ୍ଷାତରେ ବାକି ସବୁ କଥା..!' ଫୋନ୍ କଟିଗଲା।

-' ସପନଙ୍କ ସହଧର୍ମିଣୀ ହୋଇଥିବା ସୁପ୍ରଭା ସେଇ ନା ଆଉ କେହି ବୁଝିଲ କି ?' ରୀନାଙ୍କ ଏ ପ୍ରଶ୍ନ ମୋତେ ପୁଣି ରହସ୍ୟ ମଧ୍ୟକୁ ନେଇଗଲା।

-'ଏ ରହସ୍ୟ ଭେଦ କରିବାକୁ ହେଲେ ଆମ ଦୁହିଁଙ୍କୁ ସେମାନଙ୍କ ପାଖକୁ ଯିବାକୁ ହେବ!'

ମୋ କଥାରେ ସମ୍ମତି ଦେଲେ ରୀନା...!!!

*କୁଞ୍ଜବିହାରୀ ଲେନ, କଟକ*

## ଅଶ୍ରୁ-ତପ୍ତ ଶ୍ୱାସ

*ସୁଧାକର ରାଉତ*



ବିଶ୍ୱାସ ଟା କାନ୍ଦୁଛି ମୋ
ଗୁମୁରି ଗୁମୁରି
ତୁମେ ସୁଖ ଢୋକ ପିଇ
ବଜାଅ ସୁସୁରି ।
ସମୟ ଧୂଳିରେ ସବୁ
ଦେଇଛି ଭିଜେଇ
ସପନ ସବୁ ନୀରବେ
ପଡନ୍ତି ଆଣ୍ଠେଇ ।
ଜୀବନର ସଡ଼କଟା
ଶୋଇଛି ନିଶ୍ଚିନ୍ତେ
ଜାଣିତ ନ ଥିଲି ଏତେ
କଷଣ ଦିନାନ୍ତେ ।
ଦହ୍ୟମାନ ଶରୀରଟା
ନ ସହି ଜ୍ୱଳନ
ଶୋଣିତ ପ୍ରତି ବିନ୍ଦୁ ବି
କରଇ ରୋଦନ ।
ଅଶ୍ରୁ-ତପ୍ତ ଶ୍ୱାସ ଧରେ
ଖୋଜଇ ଉଶ୍ୱାସ
ସଙ୍ଗହୀନ ଦୁର୍ବିସହେ
ହୁଅଇ ହତାଶ ।
ମୂଢ ଭଳି ବର୍ତ୍ତମାନ
ଜାବୁଡି ସଜୋରେ
ପୁନଶ୍ଚ ଜୀବନ ପାଇଁ
ଡାକୁଛି କାତରେ ।

*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

## ମନେପଡେ

*ଆଦ୍ୟାଶା ମହାପାତ୍ର*



ମନେପଡେ ଗାଆଁ ଦାଣ୍ଡେ ଧୂଳିଘର
ବାଗୁଡ଼ି ବା ବୋହୁଚୋରି
ମାଳିବନ୍ଧର ସେ ଝଙ୍କା ବରଗଛ
ଓହଳେ ଡାଳି ମାଙ୍କୁଡି ॥
ସାଇତି ରଖିଛି ହୃଦୟ ଭିତରେ
ରମେଶ ସାର୍ ଙ୍କ ହସ
ନିଆରା ଶୈଳୀର ପାଠପଢା ଆଉ
ତାଙ୍କ ସ୍ନେହ ଶୁଭାଶିଷ ॥
ଘର ପଛପଟେ ଚକ୍ ଖଡ଼ି ହାତେ
ଚିତ୍ରାୟିତ ମାଟିକାନ୍ଥ
ପାହାଡ଼ ଜଙ୍ଗଲ ଉଦିତ ସୂରୁଜ
ମନ୍ଦିର ଫସଲ କ୍ଷେତ ॥
ଓସ୍ତାଦ ପଣରେ ସୂତା ଖଣ୍ଡିକରେ
କଉଶଳେ ନଟୁଘୁରା
ମନେପଡେ ପୁଣି ବ୍ରାହ୍ମଣୀ ନଦୀରେ
ଗାଧୁଆ ଚିଡି ପହଁରା ॥
ଗାଈ ଗୁହାଳର ଆଖଡ଼ାଶାଳରେ
ଆମେ ସବୁ କଳାକାର
ଚଟ ଆମ ସାଞ୍ଜୁ, ତାଳ ବାହୁଙ୍ଗାର
ଖଣ୍ଡା ଆମ ହତିଆର ॥
ସାଙ୍ଗ ସାଥି ମେଳ ମିଛ ରାଗ ରୁଷା
କେବେ କଟି କେବେ ମିଟି
ମନେପଡେ ପୁଣି ସ୍କୁଲ ଛୁଟି ବେଳ
ଖୁସି କଳରବ ପାଟି ॥
ପଢିବସେ କେବେ ଅତୀତର ପୃଷ୍ଠା
ସ୍ମୃତିରେ ସେ ରୂପାୟିତ
ମନ ଅଳିନ୍ଦ କୁ ଆବୋରି ନିଏ ସେ
ଗୋଟାପଣେ ଅନାହୂତ ॥

*ନୂଆପଡା, କଟକ*

## ବୋଉର ପଣତକାନି

*ରତ୍ନକାନ୍ତି ମିଶ୍ର*



ମନେପଡେ ସେଦିନର କଥା
ଆମ ଅଳି ଅଝଟରେ
ବୋଉ ପଣତକାନି ରୁ
ଫିଟି ଆସେ ଅଚାନକ
ଆଠଣି ବା ଟଙ୍କାଟିଏ
ଆମପାଇଁ ସତେ କି କୁହୁକ !
ସତେ ସେ ପଣତକାନି
ଐଶ୍ୱର୍ଯ୍ୟ ଶାଳିନୀ
ଭରି ରହିଥାଏ ଯହିଁ
ଖୁସିର ଅଶେଷ ମହକ...!
କେତେ ଯେ ସେନେହ ମମତା
ଲୁହ ଅବା ଅରଦଳି
ଦୁଃଖ, ଅଭିମାନ ଅବା ଧୂଳି
ପୋଛୁଥାଏ ନିର୍ବିକାରରେ
ସେ ପଣତକାନି
ଭାରି ଭଲଲାଗେ
ତା ଛୁଆଁର ଅନୁଭବ
ଆମ ପାଇଁ ସତେ ଅନନ୍ତ ବିଭବ..!
ବୋଉ ର ସେ ପଣତକାନି
ପତିତପାବନ ବାନା ଠୁ
ଆହୁରି ସୁନ୍ଦର
ଆହୁରି ପବିତ୍ର
ଆମ ବିଶ୍ୱାସ ଓ ଭରସାରେ
ସେ ପରା ଚିର ଇପ୍ସିତ
ଅବର୍ଣ୍ଣନୀୟ ତା ମହିମା
ସେ ପଣତକାନି
ଆମରି ଗାରିମା ...!!!

*ଆଳି, କେନ୍ଦ୍ରାପଡା*

## ନୀରବ ଘୂର୍ଣ୍ଣିଝଡ଼

*କବିରତ୍ନ ନୂତନ କୁମାର ବେହେରା*



ଘୂର୍ଣ୍ଣିଝଡ଼କୁ ପ୍ରାଣର ଭୟ
ଭୟ ନୁହେଁ ତ ସେ ମହା ଆତଙ୍କ
ଗତି ତାର ଦୁର୍ବାର ହୁଏ ନାହିଁ ରୋକି
ସାତ ସମୁଦ୍ରକୁ ଦିଏ ମନ୍ଥି
ହିମାଳୟକୁ ମଧ୍ୟ ଦିଏ ଦୋହଲାଇ
ସମଗ୍ର ପ୍ରକୃତି କରେ ତାଣ୍ଡବ
ଥରି ଯାଏ ମେଦିନୀ
ଭିଜି ବତୁରେ ତା' ମାଟିର ଅବୟବ
ସୃଷ୍ଟିର ସ୍ଥିତି ହୁଏ ଅବକ୍ଷୟ
ପ୍ରଚଣ୍ଡ ଶବ୍ଦରେ ଭାଙ୍ଗି ପଡ଼ ? ଆକାଶ
ସଜଡ଼ା ସବୁ ହୁଏ ଅସଜଡ଼ା
ଛିନ୍ ଭିନ୍ ହୋଇଯାଏ ସାରା ଅଞ୍ଚଳ
ଥୁଣ୍ଟା ଗଛ ପରି ଶୂନ୍ୟ ଶ୍ରୀହୀନ
କଙ୍କାଳସାର ଦେଖାଯାଏ ଭୂଭାଗ
ବାହ୍ୟ ଜଗତର ଘୂର୍ଣ୍ଣିଝଡ଼ ଦେଖି
ସଜାଗରେ ଖୋଜା ହୁଏ ସୁରକ୍ଷିତ ସ୍ଥାନ
ମାତ୍ର ହୃଦୟର ନୀରବ ଘୂର୍ଣ୍ଣିଝଡ଼
ହୁଏନା ଆଖିକୁ ଦୃଷ୍ଟି ଗୋଚର
ମନର ଇଲାକାରେ ହେଲେ ଲଘୁଚାପ
ଦାନା ବାନ୍ଧ ? ଅବିଶ୍ୱାସର ଘୂର୍ଣ୍ଣିଝଡ଼
ଧରେ ଭୟଙ୍କର ଉଗ୍ର ରୂପ
ତୀବ୍ର ବେଗରେ ଉଠିଯାଏ ଉପରକୁ
ଚେତନା ଶକ୍ତି ହୁଏ ସ୍ତମ୍ଭିଭୂତ
ସର୍ବାଙ୍ଗର ତନ୍ତ୍ରୀ ଲାଗେ ନିଷ୍କ୍ରିୟ ପରି
ହୃଦୟ ଭିତରଟା ପାଲଟେ ଜଡ଼
ଝଡ଼ ଠାରୁ ନୀରବ ଝଡ଼
ଅଧିକ ମାତ୍ରାରେ ମାରାତ୍ମକ
ପ୍ରକୃତିର ଘୂର୍ଣ୍ଣିଝଡ଼ରୁ ହୁଏ ସିନା ବର୍ତ୍ତି
କିନ୍ତୁ ମନର ନୀରବ ଘୂର୍ଣ୍ଣିଝଡ଼
ସୁଯୋଗ ଦିଏନା କରିବାକୁ ପ୍ରତୀକ୍ଷା
ଚାଲିଯାଏ କରି ଉପେକ୍ଷା
ମିଳେନା ଆଉ ଜୀବନର ସୁରକ୍ଷା।

*କୋହି,ବାରିପଦା,ମୟୂରଭଞ୍ଜ,*
*ଦୂରଭାଷା: ୮୦୧୮୩୫୩୩୨୨*

## ବୃକ୍ଷର ଜୀବନ


ପ୍ରତିଭା ଚୌଧୁରୀ

ଗୋଟିଏ ଗାଁ ମଝି ଅଗଣାରେ ବଟ ବୃକ୍ଷଟିଏ ଥିଲା ।ସେହି ବଟବୃକ୍ଷ ପାଖକୁ ପ୍ରତିଦିନ କିଛି ପିଲା ଖେଳିବା ପାଇଁ ଆସୁଥିଲେ । ସେହି ପିଲାମାନେ ବଟବୃକ୍ଷ ପାଖକୁ ପ୍ରତିଦିନ ଖେଳିବାକୁ ଆସନ୍ତି ଓ ନିଜ ନିଜେ ସେହି ବୃକ୍ଷ ମୂଳେ ଏକ ଛୋଟ ବାଲଟିରେ ପାଣି ଆଣନ୍ତି ।ସେହି ବଟ ବୃକ୍ଷକୁ ପ୍ରତିଦିନ ପାଣି ଦିଅନ୍ତି ।କିଛି ଦିନ ପରେ ସେହି ପିଲାମାନଙ୍କର ପରିବାର ପୁରୀକୁ ବୁଲିବା ପାଇଁ ଯାଇଥିଲେ ଓ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରକୁ ଦର୍ଶନ କରିଥିଲେ ।ସେହି ପିଲାମାନଙ୍କର ପରିବାର ଏକ ମାସ ପର୍ଯ୍ୟନ୍ତ ନିଜ ଗାଁକୁ ଫେରିଲେ ନାହିଁ । ସେହି ସମୟ ମଧ୍ୟରେ ବଟବୃକ୍ଷକୁ ଗାଁର କେହି ବି ପାଣି ଦେଲେ ନାହିଁ ।ସେଥିପାଇଁ ବଟ ବୃକ୍ଷ ଶିଖିବାକୁ ଲାଗି ଥିଲା । ତା ପର ଦିନ ସେହି ଗାଁ ରେ ତିନିଦିନ ଧରି ବହୁତ ବର୍ଷା ଓ ଚାରିଦିନ ଧରି ଝଡ଼ ଓ ତୋଫାନ ହେଲା ।ସେଥିପାଇଁ ସେହି ଗାଁ ମଝିଦାଣ୍ଡରେ ଥିବା ଶୁଖିଲା ବଟ ବୃକ୍ଷ ଓ ଲୋକମାନଙ୍କର ଘରଦ୍ୱାର ,ଚାଷ ଭୂମି, ଗୋରୁଗାଈ ,ଛେଳିମେଣ୍ଢା ଆଦି ଗୃହ ପାଳିତ ପଶୁପକ୍ଷୀର ଘର ଭାଙ୍ଗି ଯାଇଥିଲା ।ସେହି ପିଲାମାନଙ୍କର ପରିବାର ଏକ ମାସ ପରେ ଆସି ଦେଖିଲେ ।ପିଲାମାନଙ୍କର ପ୍ରିୟ ବଟବୃକ୍ଷ ଓ ତାଙ୍କ ଘର ଧନସମ୍ପତ୍ତି ନଷ୍ଟ ହୋଇଯାଇଥିଲା ।ତାହା ଦେଖି ପିଲାମାନେ ଓ ତାଙ୍କ ପରିବାର ବହୁତ ଦୁଃଖିତ ହେଲେ ।ଯେତେବେଳେ ଗାଁର ଲୋକମାନେ ନିଜ ନିଜ ଘରଦ୍ୱାରକୁ ସଜାଇଲେ । ପୁଣି ଥରେ ଗାଁ ବହୁତ ସୁନ୍ଦର ହୋଇଗଲା ।ସେହି ପିଲାମାନେ ଗାଁ ମଝି ଦାଣ୍ଡରେ ଗୋଟିଏ ଛୋଟ ବଟ ବୃକ୍ଷ ଲଗାଇ ଦେଲେ । ସେହି ବଟ ବୃକ୍ଷ ବହୁତ ଭଲ କରି ଯତ୍ନ ନେଲେ । ସେମାନେ କୁଆଡେ ବୁଲିବାକୁ ଗଲେ ନିଜ ଗାଁର ଅନ୍ୟ ଲୋକଙ୍କୁ ଗଛର ଯତ୍ନ ନେବା ପାଇଁ କହି ଦିଅନ୍ତି । ଯେତେବେଳେ ସେହି ବଟ ବୃକ୍ଷ ବଡ଼ ହୋଇଗଲା ।ଲୋକମାନଙ୍କୁ ଛାଇ ଦେଲା ସେହି ପିଲାମାନେ ପୁଣିଥରେ ସେହି ବଟ ବୃକ୍ଷ ପାଖକୁ ଖେଳିବାକୁ ଆସିଲେ ।

*ଅଷ୍ଟମ ଶ୍ରେଣୀ ଛାତ୍ରୀ*
*ଶ୍ରୀ ଶ୍ରୀ ଜ୍ଞାନ ମନ୍ଦିର, ଲିମସେର*
*ଗୋଲାମୁଣ୍ଡା,କଳାହାଣ୍ଡି ।*

## ପାଗଳୀ


ସୁଚରିତା ମହାନ୍ତି

କେବେ ଘର ଭିତରୁ କେବେ ଫାଟକ ପାଖରୁ ଭାସିଆସେ କେଇପଦ ବିକଳ କଥା ।

ବାପୁଲି ଆ' ଧନ ଖାଇବୁ ଆ' ଖରାରେ ଯାନି ଧନ ।ଆ' ପଳେଇ ଆ।

ମୁଁ ଖାଇବାକୁ ବାଢୁଚି ଆ' ଆ' ରେ ଏ ଧନ ।ମୋ ବାପୁଲି।

ପୁଣି କେବେ ଶୁଭେ ।ଏ ବାପୁଲି ବାପା ଆସ ।

କୁଆଡ଼ ? ଗଲ ।କବାଟ ଖୋଲ । ମୋତେ ଡର ଲାଗୁଚି।

ସେ ଡାକ ଶୁଣିଲେ ପଥର ବି ତରଳି ଯିବ ।

ଘର ଭିତରେ ଆଉ କେହି ନଥାଂତି। କିଏ ରହିବ ଯେ ।

ଗୋଟିଏ ପୁଅ ବାପୁଲି ।ରାତି ପାହିଲେ ନିତ୍ୟକର୍ମ ସାରି ବାହାରିଯାଏ ପୂଜାକାର୍ଯ୍ୟ କରିବାକୁ।

ଯେତେବେଳେ ପୂଜାସରେ ସେ ଘରକୁ ଫେରେ ।

ବାପୁଲି ବାପା ବୟସ୍କ ଲୋକ ସେ କୌଣସି କାମରେ ଗଲେ ଫାଟକ ବାହାରୁ ତାଲା ଲଗେଇ ଚାଲିଯାନ୍ତି। ପଡୋଶୀ ଭାବେ ରହିଚୁ ସିନା ଭଲମନ୍ଦ ପଚାରି ବୁଝିଲେ ଲୋକେ କେତେ କ'ଣ ଭାବନ୍ତି ତା'ର ହିସାବ ନଥାଏ। ସାମାନ୍ୟ କଥା ଅଳିଆ କରିବା ଆଜିକାଲି ଗୋଟେ ପ୍ରଥା ହୋଇଗଲାଣି।

ତଥାପି ମନ ବୁଝେନି ଏତେ ବୟସ୍କା ମହିଳାଙ୍କ ଏପରି କାର୍ଯ୍ୟକଳାପ ଦେଖି ।ମନଟା ଗୋଳେଇ ଘାଣ୍ଟି ହୁଏ।

ଆମ ଘର ପାଖରେ ଆଉ ଜଣେ ନୂଆ ଘର କରି ରହିବାକୁ ଲାଗିଲେ। ସବୁଦିନ ଆମ ବାଡ଼ିକୁ ଫୁଲ ତୋଳିବା ପାଇଁ ଆସନ୍ତି। ତାଙ୍କର କାମ ଏଠି ସେଠି ଯାଇ ଲୋକମାନଙ୍କର ଚୁଗୁଲି କରିବା।

ଦିନେ ତାଙ୍କୁ ଡାକି ପଚାରିଲି, ଏମିତି ସେ ମାଉସୀ କାହିଁକି ହୁଅନ୍ତି ଆପଣ ଜାଣନ୍ତି କି ।ସେ ହସି ଦେଇ କହିଲେ, ସେଇଟା ପାଗଲୀ ଟା ।ତା' ସହିତ କଥା ହେବେନି କି ତା' ପାଖକୁ ଯିବେନି ।କାଳେ କାମୁଡ଼ି ପକେଇବ।

ମୁଁ କହିଲି, ନାଇଁ ସେ ପାଗ୍ଲୀ ଭଳି ତ ଲାଗୁନାହାନ୍ତି ।

ଯେତେବେଳେ ତାଙ୍କ ଘରେ କେହି ରହନ୍ତି ନାହିଁ, ସେତେବେଳେ ସେ ଏମିତି ବିକଳ ହୁଅନ୍ତି।

ପଡୋଶୀ ଜଣକ କହିଲେ, ନାଇଁ ନାଇଁ ଆପଣ ଜାଣନ୍ତିନି ।ସେ ବୁଢ଼ୀଟା ଚାରି ପାଞ୍ଚ ବର୍ଷ ହେଲାଣି ପାଗଳୀ ହେଇଯାଇଚି ବୋଲି ତା' ପୁଅ କହୁଥିଲା।

ମୁଁ ଆଉ କିଛି କହିଲିନି,ସେ ଫୁଲ ନେଇ ଚାଲିଗଲେ।

ମୁଁ ଭାରି ମର୍ମାହତ ହେଲି ତାଙ୍କ କଥା ଭାବି ।

ହଠାତ୍ ଦିନେ କାଳବୈଶାଖୀ ତାଣ୍ଡବ ରଚିଲା । ଭୀଷଣ ବର୍ଷା ପବନ ଘଡ଼ଘଡ଼ି ସାଙ୍ଗକୁ କୁଆପଥର ମାଡ଼। ସମସ୍ତ ଜନଜୀବନ ଅସ୍ତବ୍ୟସ୍ତ। ଘଣ୍ଟା ଘଣ୍ଟା ଧରି ଚାଲିଥାଏ। ସନ୍ଧ୍ୟା ନଇଁ ଆସୁଥିଲା । ଘର ଭିତର ସମ୍ପୂର୍ଣ୍ଣ ଅନ୍ଧକାରମୟ ।

ଘରକୁ ଫେରିବା ଭଳି କାହାରି ସାମର୍ଥ୍ୟ ନଥାଏ ।ଠାଏ ଠାଏ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥାଏ। ସେତେବେଳକୁ ବୃଦ୍ଧା ଜଣଙ୍କ ଈଶ୍ୱରଙ୍କୁ ତାଙ୍କ ଗୁହାରି ଜଣାଇବାର ଶୁଣିଲି।

ହେ ନାରାୟଣ! ହେ କୃଷ୍ଣ! ମୋ ବାପୁଲି କୁ ,ମୋ ବାପୁଲି ବାପା କୁ ଭଲରେ ଫେରେଇ ଆଣ।

ମୁଁ ତାଙ୍କ ବାଟ ଚାହିଁଚି ।

ପୁଣି ସେଇ ବିକଳ ଡାକ ପାପୁଲିରେ ଆ' ଶୀଘ୍ର ଫେରିଆ । ବର୍ଷାରେ ଭିଜିନି ରେ ଧନ ତୋ ଦେହ ଖରାପ ହେବ ।ଆ' ପଳେଇ ଆ' ଧନ । ଏ ବାପୁଲି ବାପା ଫେରିଆସ ମୁଁ କହୁଚି ଫେରିଆସ ।

ଆସ ଅନ୍ଧାର ହେଲା ଫେରିଆସ ।

ମୁଁ ନିରୂପାୟ ଥିଲି।ଆଖି କୋଣରେ ଲୁହ ଜକେଇ ଆସିଥାଏ।

ପ୍ରଭୁଙ୍କୁ ପଚାରୁଥାଏ ,ହେ ପ୍ରଭୁ! ତମର ଏ କି ବିଚାର !!

*ବାରିପଦା, ମୟୂରଭଞ୍ଜ*
*୮୯୧୭୫୭୧୨୦୨*




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୂରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୁଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ସୁକତେଲ ମହୋତ୍ସବ ଉଦ୍‌ଯାପିତ

ବଲାଙ୍ଗିର,(ପି.ଏନ) ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାନ୍ଧନଘୋର ଗ୍ରାମ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ପଡିଆରେ ନେସନାଲ ସର୍ଭିସ୍ ଫାଉଣ୍ଡେସନ ଓ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର ଅନୁକୁଲ୍ୟ ରେ ଆୟୋଜିତ ସୁକତେଲ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି ମହୋତ୍ସବର ତୃତୀୟ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହି ନେଇଥିଲା ବଲାଙ୍ଗିର ର ସୁନାମଧନ୍ୟ ଅନୁଷ୍ଠାନ ସଂଜ୍ୟୋତ କଳାକେନ୍ଦ୍ର ନିର୍ଦ୍ଦେଶିକା ତଥା ନୃତ୍ୟ ଗୁରୁ ସଂଗିତା ଦାଶ ଙ୍କ ମଡୁଆଶାଳ, ଫଂଚ଼ରଶି, ଡାଲଖାଇ ଆଦି ଲୋକ ନୃତ୍ୟ ଓ ଲୋକ ଗୀତ କ୍ଷ ମଡୁଆଶାଳ ର ବିଶେଷ ଆକର୍ଷଣ ବିହା ବେଦିରେ ମଡୁଆ ମାରିବା ଠୁ ନେଇ ଝିଅ ଶାଶୁ ଘର ଯିବା ପର୍ଯ୍ୟନ୍ତ ଲୋକ ଗୀତ ଓ ଲୋକନୃତ୍ୟ ମାଧମରେ ପରିବେଷଣ କରାଯାଇଥିଲା କ୍ଷ ଦଣ୍ଡନୃତ୍ୟ, ରାମଲିଳା, ଆଦିବାସୀ ନୃତ୍ୟ, କିର୍ତ୍ତନ ପାର୍ଟି ସହ ବହୁ କଳାକାର ଯୋଗ ଦେଇଥିଲେ । ମୁଖ୍ୟତଃ ସଂସ୍କୃତି ଗବେଷକ ନବୀନ କୁଅଁର, ବ୍ୟାସଦେବ ପୁରୋହିତ, ଶାଶ୍ୱତ ତ୍ରିପାଠୀ, ମୁରଲିଧାରୀ ପତି, କପିଳେଶ୍ୱର ଖମାରୀ, ମଧୁସୁଦନ ନାୟକ ଙ୍କ ଉପସ୍ଥିତି ବହୁ କଳାକାରଙ୍କୁ ଉତ୍ସାହିତ କରିଥିଲା । ବରେଣ୍ୟ ଅତିଥି ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ , ଅମଜିତ ପଟେଲ ଓ ପୁରୁଷୋତ୍ତମ ସାହୁ ସମସ୍ତ କଳାକାରଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ଉଦ୍‌ଯାପନି ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବରେଣ୍ୟ ଅତିଥି ଉପ-ଜିଲ୍ଲାପାଳ ଆଲୋକ ରଂଜନ ପଟେଲ, ଗୋଲାପ ବାଗ, ଦେଓଗାଁ ବିଡ଼ିଓ ପ୍ରମୁଖ ମଂଚ଼ାସିନ ହୋଇଥିଲେ ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ୍ୟ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥିଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହନୁମାନ ବାଟିକା

## ଆସ ବୁଲଯିବା ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକା

ଅନୁଗୋଳ: ଅନୁଗୋଳ ର ସବୁଜ ବନାନୀ ପ୍ରାକୃତିକ ପରିବେଶ ରେ ନନ୍ଦିରା ନଦୀ କୂଳରେ ଦୁଇଟି ବଣ ଭୋଜି ସ୍ଥାନ ହେଉଛି କୁରୁଡୋଲ ର ଜୀବନ ଜ୍ୟୋତି ଆଶ୍ରମ ଓ କୁକୁଡ଼ାଙ୍ଗର ନାରାୟଣ ସେବାଶ୍ରମ । ବର୍ଷ ସାରା ଏହା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରୁଥିଲେ ମଧ ବିଶେଷ କରି ପର୍ଯ୍ୟଟନ ଋତୁ କୁହାଯାଉଥିବା ନଭେମ୍ବର ରୁ ଫେବୃଆରି ମାସ ମଧରେ ଅଧିକ ପର୍ଯ୍ୟଟକ ବଣ ଭୋଜି କରିବା ପାଇଁ ଏଠାକୁ ଆସିଥାନ୍ତି । ଦୁଇ ପାର୍ଶ୍ୱରେ ବଣ ଜଙ୍ଗଲ ଭଳି ସବୁଜ ବୃକ୍ଷରାଜି ମଧ୍ୟରେ ନନ୍ଦିରା ନଦୀ ର କୁଳୁକୁଳୁ ଶବ୍ଦ ଦୂର ଦୁରନ୍ତରୁ ଓ ସହରୀ ଲୋକଙ୍କୁ ଆକୃଷ୍ଟ କରିଥାଏ । ନନ୍ଦୀରା ନଦୀରେ ଗାଧୋଇବାର ମଜା ନେବା ସହ କୁକୁଡାଙ୍ଗ ସ୍ଥିତ ନାରାୟଣ ସେବାଶ୍ରମ ମଧ୍ୟରେ ଥିବା ଔଷଧୀୟ ବୃକ୍ଷ ଗୁଡ଼ିକ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରୁଥିବା



ବେଳେ, ସେଠାରେ ଥିବା ସର୍ବ ସାଧାରଣ ଗ୍ରନ୍ଥଳୟ ରେ ଏକାନ୍ତରେ ବହି ଗୁଡ଼ିକ ପଢିବା ପାଇଁ ପାଠକ ମାନଙ୍କୁ ନିଜ ଆଡ଼କୁ ଆପଣାଇ ଥାଏ । ଜିଲ୍ଲା ତଥା ଜିଲ୍ଲା ବାହାର ର ପର୍ଯ୍ୟଟକ ମାନଙ୍କୁ ଓ ବଣ ଭୋଜି କରିବାକୁ ଆଗ୍ରହୀ ଥିବା ଲୋକଙ୍କ ମଧ୍ୟରେ ଏହି ସ୍ଥାନଟି ପ୍ରଥମ ପସନ୍ଦ ସାଜିଛି । ଉଭୟ ଜୀବନ ଜ୍ୟୋତି ହନୁମାନ ବାଟିକା ଓ ନାରାୟଣ ସେବାଶ୍ରମ ରେ ଛୋଟ ପିଲା ମାନଙ୍କ ପାଇଁ ଦୋଳି ର ବ୍ୟବସ୍ଥା ହୋଇଥିବା ବେଳେ ନନ୍ଦିରା କୂଳରେ ଥିବା ଶିଶୁ ଉଦ୍ୟାନ ବଣ ଭୋଜି କରିବାକୁ ଆସିଥିବା ଛୋଟ ଛୋଟ ପିଲା ମାନେ ଦୋଳିର ମଜା ନେବାସହ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଙ୍କ ପ୍ରତିଛବି ପିଲା ମାନଙ୍କୁ ଆକୃଷ୍ଟ କରୁଛି । ହନୁମାନ ବାଟିକା ଠାରେ ପାନୀୟ ଜଳ, ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥା ସହିତ ସମସ୍ତ ଗାଡ଼ି ପାଇଁ ପାର୍କିଂ ର ବ୍ୟବସ୍ଥା ଥିବା ବେଳେ , ଓଡ଼ିଶା ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବା ନାରାୟଣ ସେବାଶ୍ରମ ରେ ଏହି ସମସ୍ତ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

କିପରି ଆସିବେ

ଅନୁଗୋଳ ସହର ଠାରୁ ମାତ୍ର ୬ କିଲୋମିଟର ଦୂରରେ ସହର ନିକଟରେ ଏକ ଶାନ୍ତ ପରିବେଶରେ ଏହା ଥିବା ବେଳେ ନାଲକୋ ନଗର ଠାରୁ ୪ କିଲୋମିଟର ଓ ତାଳଚେର ଠାରୁ ୧୦ କିଲୋମିଟର ଦୂରରେ ଏହା ରହିଛି , ଏହାର ନିକଟତମ ରେଳ ଷ୍ଟେସନ ହେଉଛି ଅନୁଗୋଳ ଷ୍ଟେସନ ସେହିପରି ଆପଣ ତାଳଚେର ରୋଡ଼ ରେଳଷ୍ଟେସନ ଠାରୁ ମଧ ଏଠାକୁ ସହଜରେ ଆସି ପାରିବେ ।

# ଏକାଠି ୮୯ ର ୧୪ ତମ ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳନ

ବେତନଟୀ : ବେତନଟୀ ଠାରେ ଥିବା ଏକାଠି-୮୯ ସଭାଗୃହରେ ଏକାଠି-୮୯ ର ୧୪ ତମ ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି ।ଏହି ସଭାରେ ମନ୍ମଥ ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବରେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ ।ସମ୍ମାନୀତ ଅତିଥି ଭାବରେ ମନ୍ମଥ କୁମାର ଦାସ ଏବଂ ବିକାଶ ବେହେରା ଉପସ୍ଥିତ ହୋଇଥିଲେ ।ଯାଇ ଏକାଠି-୮୯ ର ସାଙ୍ଗମାନଙ୍କ ମଧ୍ୟରେ ବନ୍ଧୁମିଳନ ହୋଇଥିଲା ।ଏହାପରେ ସମସ୍ତେ ବେତନଟୀ ଡାକ୍ତରଖାନା କୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ ।ଏହି ଉତ୍ସବକୁ ରଞ୍ଜନ ବଳବନ୍ତରାୟ, ମାଧବ ପ୍ରସାଦ ମଢୁଆଳ, ନବ କୁମାର ବେହେରା,ସରୋଜ ଭୂୟାଁ,ମହେଶ



ଖଣ୍ଡେଲୱାଲ, ପ୍ରବୀର ଗିରି,ହରିଶ୍ ଗିରି,ବିପ୍ଳବ ନାୟକ ,ପ୍ରବୀର ବାରିକ, ରାକେଶ ଖଣ୍ଡେଲୱାଲ, ହଳଧର ମହାନ୍ତ,ଜୀବନ ମହାନ୍ତି,ପ୍ରଦୀପ ପାତ୍ର, ଇତ୍ୟାଦି ପରିଚାଳନା କରିଥିଲେ । ବେତନଟୀରେ ଗୋଟିଏ ସୁନ୍ଦର ପାର୍କ ନିର୍ମାଣ ପାଇଁ ମାନ୍ୟବର ବିଧାୟକଙ୍କୁ ପ୍ରସ୍ତାବ ଦେଇ ଥିଲେ ଏକାଠି-୮୯ ର ସମସ୍ତ ସଦସ୍ୟ। ମାନ୍ୟବର ବିଧାୟକ ବେତଧଟୀ ସତସଂଘ କେନ୍ଦ୍ର ନିକଟରେ ଥିବା ବେତନଟୀ ପୋଖରୀ ଠିକ ହେବ ବୋଲି କହିଥିଲେ ଏବଂ ଆହୁରି ମଧ୍ୟ କହିଥିଲେ କି ଆସନ୍ତା ବର୍ଷ ଏହି ଦିନକୁ ପାର୍କ ନିର୍ମାଣ ସରିଥିବା ନେଇ ପ୍ରତିଶୃତି ଦେଇଥିଲେ। ପରିଶେଷରେ ସମ୍ପାଦକ ତପନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।ବେତନଟୀ

# ଖୋର୍ଦ୍ଧା ଜିଲ୍ଲା କନିଷ୍ଠ କ୍ରିକେଟ୍ ପଞ୍ଜିକରଣ ଜାନୁୟାରୀ ୯ ରୁ

ଖୋର୍ଦ୍ଧା: ଖୋର୍ଦ୍ଧା କ୍ରିକେଟ ଆସୋସିଏସନ୍ ଏବଂ କ୍ରିକେଟ ଆସୋସିଏସନ୍ ଅଫ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧା ଙ୍କ ମିଳିତ ଆନୁକୁଲ୍ୟରେ ଚଳିତ ବର୍ଷ ର କନିଷ୍ଠ କ୍ରିକେଟ୍ ପ୍ରତିଯୋଗିତା ଜାନୁୟାରୀ ଦ୍ୱିତୀୟ ସପ୍ତାହ ରୁ ଆରମ୍ଭ ହେବ ।ଏହି କନିଷ୍ଠ କ୍ରିକେଟ୍ ପ୍ରତିଯୋଗିତା ପାଇଁ ନାମ ପଞ୍ଜିକରଣ ନିମନ୍ତେ ଆସନ୍ତା ୯ ଓ ୧୦ ତାରିଖ ଦିନ ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ୧୪ ବର୍ଷ ରୁ ଅଧିକ ଏବଂ ୧୯ ବର୍ଷରୁ କମ୍ ଖେଳାଳି ମାନେ ସେମାନଙ୍କର ନାମ ପଞ୍ଜିକରଣ କରିପାରିବେ ।ଇଚ୍ଛୁକ ଖେଳାଳି ମାନେ ସେମାନଙ୍କର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର,ଆଧାର କାର୍ଡ,ଫଟୋ,ସ୍କୁଲ ପ୍ରମାଣ ପତ୍ର ସହ ଉପସ୍ଥିତ ରହିବା ପାଇଁ ଜିଲ୍ଲା କ୍ରିକେଟ ସଂଘର ସମ୍ପାଦକ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି ।ଖୋର୍ଦ୍ଧାର ସମସ୍ତ କନିଷ୍ଠ ଖେଳାଳି ମାନେ ଏହାଦ୍ୱାରା ଉପକୃତ ହେବା ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ।

# ରାଇରଙ୍ଗପୁର ମହାବିଦ୍ୟାଳୟର ଆଲୁମନି ଆସୋସିଏସନର ବୈଠକ

ରାଇରଙ୍ଗପୁର -୫/୦୧ ରାଇରଙ୍ଗପୁର ମହାବିଦ୍ୟାଳୟର ଆଲୁମନି ଆସୋସିଏସନ ର ବୈଠକ ମୟୂରଭଞ୍ଜ ସାଂସଦ ତଥା ଆଲୁମନି ଆସୋସିଏସନର ସଭାପତି ନବ ଚରଣ ମାଝିଙ୍କ ଅଧ୍ୟକ୍ଷତାରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି. । ସାଧାରଣ ସମ୍ପାଦକ ମନୋଜ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ ।. ରାଇରଙ୍ଗପୁର କଲେଜକୁ ସରକାରୀ କଲେଜରେ ପରିଣତ କରିବା ସମ୍ପର୍କରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଂସଦ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ. । ମହାବିଦ୍ୟାଳୟର ଆବଶ୍ୟକ ହେଉଥିବା ଶ୍ରେଣୀ ଗୃହ ନିର୍ମାଣ, ନୂଆ ବିଷୟ ଖୋଲିବା, ସ୍ନାତକୋତର ଶ୍ରେଣୀ ଖୋଲିବା, କଲେଜର ବାର୍ଷିକ ଉତ୍ସବ ପାଳନ, ହୀରକ ଜୟନ୍ତୀ ପାଳନ ଓ ପୁରାତନ



ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରିବା ଆଦି ସମ୍ପର୍କରେ କଲେଜ ଅଧ୍ୟକ୍ଷ ସୁନୀଲ ଜେନା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ମହାନ୍ତି, ମନୋଜ ମହାନ୍ତ, ସୌରଭ ପଟ୍ଟନାୟକ, ବୁଲୁ ଦିଗାର, ବିଜୟ ରାମ, ଗୌରୀ ଦତ୍ତ, ଅମିତ ମହାନ୍ତ, ପ୍ରମୁଖ ଆଲୋଚନା କରିଥିଲେ ।. ଶେଷରେ ଦିଗମ୍ବର ଗିରି ଧନ୍ୟବାଦ ଅର୍ପଣ କରିଥିଲେ. ସଭାପତିଙ୍କ ପରାମର୍ଶ କ୍ରମେ ଚଳିତ ଜାନୁଆରୀ ମାସ ୨୫ତାରିଖ ଦିନ ପରବର୍ତ୍ତୀ ବୈଠକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି. ।

# ସ୍ୱାମ ନାଏକ ସାହିରେ ମାଆ ଠାକୁରାଣୀଙ୍କ ଓଷା ପାଳିତ



କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଏଠାରେ ପର୍ବ ପାଳନ ହେଲା ଆଦିବାସୀଙ୍କ ଜୀବନ। ସମସ୍ତେ ମିଳିମିଶି ବାରମାସରେ ତେର ପର୍ବ ପାଳନ କରି ଆସୁଛନ୍ତି। କିଛି ସ୍ୱତନ୍ତ୍ର ପର୍ବ ମଧ୍ୟରେ ଠାକୁରାଣୀ ଓଷା ମୁଖ୍ୟ ପର୍ବ ଅଟେ। ପାଟଣା ବ୍ଲକ ଅନ୍ତର୍ଗତ ସ୍ୱାମ ନାଏକ ସାହିରେ ଏହି ପର୍ବ ଖୁବ୍ ଜାକଜମକରେ ପାଳିତ ହୋଇଯାଇଛି। ଏହି ପର୍ବରେ ସ୍ଥାନୀୟ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଥିଲେ। ସାଧାରଣତଃ ଧାନ କଟା ପରେ ମାଆ ଠାକୁରାଣୀ ଓଷା କେନ୍ଦୁଝର ଜିଲ୍ଲାରେ ପାଳନ କରା ଯାଏ। ବଡ଼ ପାଟଣା ପଞ୍ଚାୟତର ସ୍ୱାମ୍ ଗ୍ରାମର ନାଏକ ସାହିରେ କେଉଁ କାଳରୁ ଏହି ପର୍ବ ପାଳିତ ହୋଇଆସୁଛି। ଭକ୍ତମାନେ ଅତି ନିଷ୍ଠାର ସହ ନଡ଼ିଆ କଦଳୀ ଭୋଗ ଠାକୁରାଣୀଙ୍କ ପାଖରେ ଅର୍ପଣ କରନ୍ତି ।ମାନସିକ କରିଥିବା ଭକ୍ତମାନେ ନିଆଁରେ ଚାଲିଥାନ୍ତି। ଓଷା ପାଳନ ଅବସରରେ ଆଠ ଦିନ ଧରି ନାଚଗୀତ ହୁଏ। ନବମ ଦିନରେ ମାଆଙ୍କୁ ଧରି ଗାଁ ଗାଁ ବୁଲା ହୁଏ। ଠାକୁରାଣୀଙ୍କୁ ବିଦାୟ ବେଳେ ଗାଁର ମାଆ ଝିଅ ବୋହୂମାନେ ଗୀତ ଗାଇ ଗାଇ ବିଦାୟ ଦିଅନ୍ତି ପୁଣି ଆର ବର୍ଷକୁ ଅପେକ୍ଷା କରି। ଚଳିତ ବର୍ଷ ଧାନ ଭଲ ହୋଇଥବା ବେଳେ ପାଗ ଭଲ ଥିବାରୁ ଠାକୁରାଣୀ ଓଷା ପାଳନ ଖୁବ୍ ଜମି ଥିବା ଜଣାଯାଇଛି।

# ଚୋରା ବାଲିବୋଝେଇ ଟିପ୍ପର ଜବତ

ବେତନଟୀ :ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବାଲିଆପିଟା -ଦୁର୍ଗାପୁର ରାସ୍ତାରେ ଚଢାଉକରି ଚୋରା ବାଲି ବୋଝେଇ ଟିପ୍ପର ଜବତ କରିବା ସହିତ ରବିବାର ଅପରାହ୍ନ ସାଢେ ଚାରିଟାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୁଲିସ ।ସୂଚନା ମୁତାବକ ଚୋରା ବାଲି ଚାଲାଣନେଇ ଖବର ମିଳିବା ପରେ ବୈଶିଙ୍ଗା ଥାନା ଅଧିକାରୀଙ୍କ



ନିର୍ଦ୍ଦେଶକ୍ରମେ ଏକ ଟିମ ବାଲିଆପିଟା -ଦୁର୍ଗାପୁର ରାସ୍ତାରେ ଚଢାଉ କରିଥିଲା ।ପୁଲିସ ଟିମ ଦେଖି ବାଲିବୋଝେଇ ଟିପ୍ପର ଚାଳକ ଜଣକ ରାସ୍ତା ଉପରେ ଗାଡି ଛାଡ଼ିଦେଇ ଚମ୍ପଟ ମାରିଥିଲା କ୍ଷ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରୁ ଓଡି -୦୧ଏଟି -୧୨୦୧ନମ୍ବର ବିଶିଷ୍ଟ ଚୋରା ବାଲିବୋଝେଇ ଟିପ୍ପରକୁ ଜବତକରି ଥାନାକୁ ଆଣିବା ସହିତ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି।

# ହାତୀ ପାଦ ଚିହ୍ନରେ ରକ୍ତ ଛିଟା, ଡ୍ରୋନ୍ ଦ୍ୱାରା ଯାଞ୍ଚ

ତେଲକୋଇ : କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ରହି ଆସିଛି। ଦୀର୍ଘ ଦୁଇମାସ ହେବ ତେଲକୋଇ ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ହାତୀ ପଲ ଉପଦ୍ରବ ଚଳାଇ ଆସୁଛନ୍ତି। ଏବେ କାଳିଆହତା ଫରେଷ୍ଟ ବିଟ୍ ରେ ୪୧ ଟିକିଏ ହାତୀ ପଲ ଡେରା ପକାଇଥିବା ବେଳେ ସେ ଅଞ୍ଚଳରେ ଉପଦ୍ରବ ମଧ୍ୟ କରୁଛନ୍ତି। କାଳିଆହତା ଫରେଷ୍ଟ ବିଟ୍ ବେଣାମୁଣ୍ଡା ଗାଁ କୁମ୍ଭାର ସାହି ଜଙ୍ଗଲ ନିକଟରେ ହାତୀ ପାଦ ଚିହ୍ନରେ ରକ୍ତ ଛିଟା ଦେଖିବାକୁ ମିଳିଛି। କୌଣସି ଏକ ହାତୀ ଗୋଡ଼ରେ କ୍ଷତ ଥିବା ନେଇ ସନ୍ଦେହ କରାଯାଉଛି। ଫଳରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ଭି ବିତରଣ କରୁଥିବା



ସ୍ଥାନରେ ବ୍ୟାପକ ଯାଞ୍ଚ କରିଛନ୍ତି। ସେଠାରେ ହାତୀପଲ ରହିଥିବା ବେଳେ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ହାତୀ ମାନଙ୍କୁ ନିରୀକ୍ଷଣ କରଯାଇଛି ।ଶିକାରୀ ର ତୀରମାଡ ହେଉ କିଂବା କୌଣସି କାରଣରୁ ହେଉ ହାତୀ ପାଦ ରୁ ରକ୍ତ ପଡୁଥିବା ପାଦଚିହ୍ନ ରୁ ଜଣାପଡୁଛି। ଏ ସମ୍ପର୍କରେ ରେଞ୍ଜର ଶିବାଜୀ ମୋହନ ରାଓଙ୍କୁ ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ହାତୀ ମାନଙ୍କୁ ଡ୍ରୋନ ଦ୍ୱାରା ନିରୀକ୍ଷଣ କରଯାଇଛି। ଏ ପର୍ଯ୍ୟନ୍ତ କୌଣସି କାରଣ ଜଣା ପଡ଼ି ନାହିଁ।

# କାମ ନ ହୋଇ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଜାରି

ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର କାମ ନ ହୋଇ ବ୍ୟାପକ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବା ସାଙ୍ଗେ ସାଙ୍ଗେ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତିକରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଯୋଗେଶ୍ୱର ଭୋଇଙ୍କ ନେତୃତ୍ୟରେ ଏହାର ତଦନ୍ତ ଭାର ନୂଆପଡ଼ା ଭିଜିଲାନ୍ସ ଡି ଏସ ପି ଦୀନବନ୍ଧୁ ବେହେରା ଏକ ଟିମ ମାଧ୍ୟମରେ ଗତ ଦୁଇ ଦିନ ଧରି କୁରେଶ୍ୱର୍ ପଞ୍ଚାୟତ ଆସି ବିଭିନ୍ନ



ଉନ୍ନୟନ ମୂଳକ କାର୍ଯ୍ୟର ଫାଇଲ ଜବତ କରି ତଦନ୍ତ ଜାରି ରଖିଛନ୍ତି । ସଠିକ୍ ତଦନ୍ତ ପରେ ସତ୍ୟାସତ୍ୟ କଣ ?, ପ୍ରକୃତ ଦୋଷୀ କିଏ ? ତା ଉପରେ କଣ କାର୍ଯ୍ୟାନୁଷ୍ଠାନ ହେବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ , ତା ଉପରେ ସମସ୍ତଙ୍କ ନଜର ।

# ଯଶୀପୁର ଅଞ୍ଚଳରୁ ଚୋରି ହୋଇଥିବା ବୋଲେରୋ ଗାଡି ବହଳଦା ପୋଲିସ ଦ୍ୱାରା ଦୁନ୍ଦୁରୁ ଉଦ୍ଧାର, ସନ୍ଦେହରେ ଜଣେ ଅଟକ

ରାଇରଙ୍ଗପୁର : ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପୀଢ ଉପଖଣ୍ଡର ଯଶୀପୁର ଥାନା ଅନ୍ତର୍ଗତ ମାହାର୍ଦ୍ଦାପଳଶା ଗ୍ରାମରୁ ଜନୈକ ନିତ୍ୟାନନ୍ଦ ବେହେରାଙ୍କ ଏକ ମହେନ୍ଦ୍ର ବୋଲେରୋ ଗାଡି ନମ୍ବର ଡଜ -୧୧ର- ୦୯୯୧ ଗତକାଲି ରାତି ପ୍ରାୟ ୧୨ ରୁ ୧୨.୩୦ ମଧ୍ୟରେ ଚୋରି ହୋଇଥିବା ନେଇ ଯଶୀପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଚୋରି ହୋଇଥିବା ବୋଲେରୋ ଗାଡି ସମ୍ବନ୍ଧରେ ମୟୂରଭଞ୍ଜର ସମସ୍ତ ଥାନା ମାନଙ୍କୁ ଅବଗତ କରାଯାଇଥିଲା। ବହଳଦା ପୋଲିସ ଆଇଆଇସି ବିରେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଆଜି ଭୋର୍ ସକାଳେ କୌଣସି ସୂତ୍ରରୁ ଖବର ପାଇ ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘର ଆଗରେ ଏକ ମହେନ୍ଦ୍ର ବୋଲେରୋ ଗାଡି ଠିଆ ହୋଇଥିବା ଦେଖି ଏବଂ ଗାଡିର ନମ୍ବର ଦେଖି ଆଶ୍ଚର୍ଯ୍ୟ ହେବା ସହ ଉକ୍ତ ମହେନ୍ଦ୍ର ବୋଲେରୋ ଗାଡ଼ିଟି ଗତକାଲି ରାତିରେ ଯଶୀପୁର ଥାନା ଅନ୍ତର୍ଗତ ମାହାର୍ଦ୍ଦାପଳଶା ଗ୍ରାମରୁ ଚୋରି ହୋଇଥିବା ଗାଡି ବୋଲି ଜାଣି ପାରିଥିଲେ। ତୁରନ୍ତ ବହଳଦା ପୋଲିସ ଉକ୍ତ ବୋଲେରୋ ଗାଡିକୁ ଜବତ କରି ବହଳଦା ଥାନାକୁ ଆଣିବା ସହ ଦୁନ୍ଦୁର ଯାହା ଘର ଆଗରେ ଉକ୍ତ ବୋଲେରୋ ଗାଡି ରଖାଯାଇଥିଲା ସେହି ଘରର ଜନୈକ ବ୍ୟକ୍ତି ଜାବିର ଅହମ୍ମଦ (୨୬) କୁ ବହଳଦା ପୋଲିସ ଉଠାଇ ଆଣିବା ସହ ଥାନାରେ ଅଟକ ରଖି ଉକ୍ତ ବୋଲେରୋ ଗାଡି ସମ୍ବନ୍ଧରେ ପଚାରାଉଚୁରା କରୁଛି। ଜାବିର ଅହମ୍ମଦର ଘର ପଡୋଶୀ ଝାଡଖଣ୍ଡ ରାଜ୍ୟର ବାଙ୍ଗ ଥାନା ଅନ୍ତର୍ଗତ କେରାଇକେଲା ବୋଲି ଜଣାପଡିଛି ଏବଂ ଜାବିର ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗ୍ରାମରେ ବିବାହ କରିଛି ତଥା ସେହି ଦୁନ୍ଦୁରେ ଏକ ଭୋଡା ଘର ନେଇ ରହୁଥିବା ଜଣାପଡିଛି ।ଚୋର ସନ୍ଦେହରେ ଥାନାରେ ଅଟକ ଥିବା ଜାବିର ଅହମ୍ମଦ ଗାଡି ଚୋରି ବିଷୟରେ ସେ କିଛି ଜାଣିନାହିଁ ଏବଂ ତା'ର



ଜଣେ ଚିହ୍ନା ଲୋକ ଏଇ ବୋଲେରୋ ଗାଡି ଆଣି ତାଙ୍କ ଘରେ ରଖିଛି ବୋଲି କହୁଛି । ଜାବିର ରାଇରଙ୍ଗପୁର ସ୍ଥିତ ରାଜା ୱେଲଡିଙ୍ଗ ଦୋକାନରେ କାମକରେ ବୋଲି ଜଣାପଡିଛି। ବହଳଦା ପୋଲିସ ଏହି ବୋଲେରୋ ଗାଡି ସମ୍ବନ୍ଧରେ ଯଶୀପୁର ଥାନାକୁ ଜଣାଇବାରୁ ଯଶୀପୁର ଥାନା ଅଧିକାରୀ ସଂଯୁକ୍ତା ମହାଲିକ ଉକ୍ତ ଚୋରି ହୋଇଥିବା ବୋଲେରୋ ଗାଡିର ମାଲିକ ବହଳଦା ଥାନାରେ ପହଞ୍ଚିଛନ୍ତି ।ବହଳଦା ପୋଲିସ ଅଧିକ ତଦନ୍ତ ପାଇଁ ଉକ୍ତ ବୋଲେରୋ ଗାଡି ସହ ଅଭିଯୁକ୍ତ ଜାବିର ଅହମ୍ମଦକୁ ଯଶୀପୁର ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଯଶୀପୁର ଥାନାରେ ଏହି ଗାଡି ଚୋରି ଘଟଣା ନେଇ ୫/୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତକାଲି ରାତିରେ ପଡୋଶୀ ଜାମଦା ଥାନା ଅନ୍ତର୍ଗତ ଜଟାପାଣି ଗ୍ରାମର ଜନୈକ ମନୋରଞ୍ଜନ ବରାଳଙ୍କ ଏକ ଧଳା ରଙ୍ଗର ମହେନ୍ଦ୍ର ବୋଲେରୋ ଗାଡି ନମ୍ବର ଡଜ-୦୯କ- ୭୧୪୭ ତାଙ୍କ ଘର ଆଗରୁ ଚୋରି ହୋଇଥିବା ନେଇ ଜାମଦା ଥାନାର ଅଭିଯୋଗ ହୋଇଛି। ସମଗ୍ର ମୟୂରଭଞ୍ଜ ଜିଲ୍ଲା ର ବିଭିନ୍ନ ଥାନା ଅଞ୍ଚଳରେ ଗାଡି ଚୋରଙ୍କ ଦୌରାତ୍ମ୍ୟ ଭୀଷଣ ଭାବେ ବୃଦ୍ଧି ପାଇଛି। କିଛି ମାସ ତଳେ ବାରିପଦାରୁ ଚୋରି ହୋଇଥିବା ଏକ ଗାଡି ବହଳଦା ଥାନା ଅଞ୍ଚଳରେ ପୋଲିସ ଦ୍ୱାରା ଜବତ ହୋଇଥିଲା। ଏହି ସବୁ ଗାଡି ଚୋରିରେ ଏକ ବହୁତ ବଡ ରେକେର୍ଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି ।ବହଳଦା,ତିରିଂ,ଜାମଦା, ଯଶୀପୁର,ରରୁଆଁ ପ୍ରଭୃତି ଥାନା ଅଞ୍ଚଳ ଗୁଡିକ ପଡୋଶୀ ଝାଡଖଣ୍ଡ ସୀମାକୁ ଲାଗିକରି ଥିବାରୁ ଖୁବ୍ ସହଜରେ ଗାଡି ଚୋରମାନେ ଅକ୍ଲେଶରେ ଚୋରି ଗାଡିକୁ ଝାଡ଼ଖଣ୍ଡ ଏବଂ ବିହାରର ବିଭିନ୍ନ ଅଞ୍ଚଳକୁ ପାର କରିଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଜି ଚୋରି ବୋଲେରୋ ଗାଡି ପୋଲିସ ପାଇବା ପରେ ବାମନଘାଟୀ ଉପଖଣ୍ଡ ପୋଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଇବା ସହ ବିଭିନ୍ନ ଥାନା ଅଧିକାରୀଙ୍କୁ ଏଥିନେଇ ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଆଜି ବହଳଦା ପୋଲିସ ଦ୍ୱାରା ଜବତ ହୋଇଥିବା ଯଶୀପୁରର ବୋଲେରୋ ଗାଡିରୁ , ଗାଡିରେ ଥିବା ଗୋଟିଏ ଟ୍ୟାପ୍ ରେକର୍ଡର, ଦୁଇଟି ବକ୍ସ ଏବଂ ଗାଡିର କାଗଜପତ୍ର ଚୋରି ହୋଇଥିବା ଜଣାପଡିଛି।

# କାଳିଆହତା ଫରେଷ୍ଟ ବିଟ୍ ରେ ହାତୀ ପଲଙ୍କ ଉପଦ୍ରବ, ଝରକା ଫାଙ୍କରେ ଶୁଣ୍ଢ ଗଳାଇ ଖାଇଲେ ଧାନ

ତେଲକୋଇ : ତେଲକୋଇ ରେଞ୍ଜ ଅଧୀନ କାଳିଆହତା ଫରେଷ୍ଟ ବିଟ୍ ନୂଆଗାଁ କବାଟ ମୁଣ୍ଡା ସାହିରେ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି ।ଲୋକେ ଘରେ ଶୋଇଥିବା ବେଳେ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଆସି ଗାଁ ରେ ପଶି ଘରେ ଥିବା ଧାନ କୁ ଖାଇ ଯାଉଛନ୍ତି। ମୁଣ୍ଡଝା ଳ ତୁଣ୍ଡରେ ମାରି ଅମଳ କରିଥିବା ଫସଲ କୁ ଝରକା ରେ ଶୁଣ୍ଢ ପୁରାଇ ଅତି ସନ୍ତର୍ପଣରେ ଘରେ ଥିବା ଚାଷୀ ର ଧାନକୁ ଖାଉଥିବା ଦୃଶ୍ୟ କ୍ୟାମେରା ରେ କଏଦ ହୋଇଛି। ଗତକାଲି ବିଳମ୍ବିତ ରାତିରେ କବାଟ ମୁଣ୍ଡା ସାହିରେ ମଧୁସୂଦନ ପିଙ୍ଗୁଆଙ୍କ ଘରେ ପଶି ଝରକା କୁ ତାଡି ଶୁଣ୍ଢ ସାହାଯ୍ୟ ରେ ଧାନ କୁ ଖାଇବା ସମୟରେ ଶବ୍ଦ ଶୁଣି ଘର ଲୋକ ଉଠିଥିଲେ ଏବଂ ଟର୍ଚ୍ଚ ମାରି ଦେଖିଲାବେଳକୁ ହାତୀ ଧାନ ଖାଉଛି ।ଏହା ଦେଖି ଘର ଲୋକ ପାଟି କରିଥିଲେ ମଧ ହାତୀ ସେଠାରୁ ନଯାଇ ଧାନକୁ ଖାଇ ଚାଲିଥିଲା।

# ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କ ଗହଣରେ ନୂତନ ବର୍ଷ ପାଳନ କଲେ ଜିଲ୍ଲାପାଳ କଳାହାଣ୍ଡି

କଳାହାଣ୍ଡି : ୨୦୨୪ ବର୍ଷ କୁ ବିଦାୟ ତଥା ନୂଆ ଆଶା ଓ ଅଭିଳାଷ କୁ ନେଇ ସୁନେଲି ସ୍ୱପ୍ନ ଦେଖୁଥିବା ଶିଶୁ ଯତ୍ନ ଅନୁଷ୍ଠାନ ରେ ରହୁଥିବା କୁନି କୁନି ଶିଶୁ ମାନଙ୍କ ସହିତ କିଛି ମୁହୂର୍ତ୍ତ କଟେଇବା ଓ ନୂତନ ବର୍ଷ ୨୦୨୫ କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟ ରେ ଜିଲ୍ଲାପାଳ କଳାହାଣ୍ଡି ପାଥିର ସଚିନ ପ୍ରକାଶ ଏବଂ



ଜିଲ୍ଲା ର ଅନ୍ୟ ଅଧିକାରୀ ମାନେ ଆଜି ଭବାନୀପାଟଣା ସ୍ଥିତ ନେହେରୁ ସେବା ସଂଘ ଓ ବାଳଗୋପାଳ ସେବା ନିକେତନ ଠାରେ ଜିଲ୍ଲାପାଳ ସମସ୍ତ ଅନ୍ତେବାସୀ ଓ ଅନୁଷ୍ଠାନ ର କର୍ମକର୍ତ୍ତା ଙ୍କୁ ନବ ବର୍ଷ ର ଶୁଭେଚ୍ଛା ଜଣାଇବା ସହିତ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ, ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନବବର୍ଷ ରେ ଶିଶୁ ଯତ୍ନ ଅନୁଷ୍ଠାନ ର ପିଲାଙ୍କ ସହିତ ନିଜର ବହୁମୂଲ୍ୟ ସମୟ ଦେଇ ତାଙ୍କୁ ଉତ୍ସାହିତ କରିଥିବାରୁ ଏହି ଦୁଇଟି ଅନୁଷ୍ଠାନ ର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ଏବଂ ଧନ୍ୟବାଦ ଜଣାଇଥିଲେ।

୭୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ଖେଳ ପର୍ଯ୍ୟବେକ୍ଷକ
Bhubaneswar Sunday April 20 ଭୁବନେଶ୍ୱର ରବିବାର, ୨୦, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଜେଇଇ ମେନରେ କିସର ୧୨ ଛାତ୍ରଛାତ୍ରୀ କୃତକାର୍ଯ୍ୟ

ଭୁବନେଶ୍ୱର, ୧୯।୪: ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନଟିଏ) ପକ୍ଷରୁ ଆଜି ଯୁଗ୍ମ ପ୍ରବେଶିକା ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଏଥିରେ କିସର ୧୨ ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ ଛାତ୍ରୀ ଥିବା ବେଳେ ୫ଜଣ ଛାତ୍ର ରହିଛନ୍ତି। ଏମାନେ ଜେଇଇ ଆଡଭାନସ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩ଜଣ ଝାଡ଼ଖଣ୍ଡରୁ ଆସି କିସ୍‌ରେ ପାଠ ପଢ଼ି ଜେଇଇରେ ସଫଳତା ହାସଲ କରିପାରିଛନ୍ତି। ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ



ସନ୍ତୋଷ ବ୍ୟକ୍ତ କରିବା ସହ ସଫଳ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ସହ ଶ୍ରୀ ସାମନ୍ତ କହିଛନ୍ତି ପ୍ରତିବର୍ଷ କିସର ଛାତ୍ରଛାତ୍ରୀମାନେ ଜେଇଇ ପରୀକ୍ଷାରେ ସଫଳତା ହାସଲ କରିଆସୁଛନ୍ତି। କେବଳ ଜେଇଇ ନୁହେଁ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ହେଉଥିବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ କିସ୍ ଛାତ୍ରଛାତ୍ରୀମାନେ ସଫଳତା ଲାଭ କରିଆସୁଛନ୍ତି। ସେମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯିବା ସହ ଗୁଣାତ୍ମକ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଉଥିବାରୁ ସେମାନେ ଏଭଳି ସଫଳତା ହାସଲ କରିପାରୁଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିସର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀଙ୍କୁ ସେମାନଙ୍କ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି।

# ଅସ୍ମିତାରେ ଧନୀ.... ଆମ ରାଜଧାନୀ

ଭୁବନେଶ୍ୱର,(ପି.ଏନ) : ରାଜଧାନୀ ଭୁବନେଶ୍ୱରର ୭୭ତମ ପ୍ରତିଷ୍ଠା ଦିବସ ସମାରୋହ ଏବଂ ଡଃ ଭି.ଆର. ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ଅବସରରେ ଜୟଦେବ ଭବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଭୁବନେଶ୍ୱର ମହାନଗର ନିଗମ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ମିଳିତ ଭାବେ ବିଭିନ୍ନ ସ୍କୁଲ୍ ଓ କଲେଜର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରତିଯୋଗିତା



ଆୟୋଜନ କରାଯାଇଥିଲା। ୟୁନିଟ୍-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ୍‌ର ୨୭ଜଣ ଛାତ୍ରଛାତ୍ରୀ 'ଅସ୍ମିତାରେ ଧନୀ.... ଆମ ରାଜଧାନୀ' ଶୀର୍ଷକ ଡ୍ୟାନ୍ସଡ୍ରାମା ସାଂସ୍କୃତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଡ୍ରାମାଟି ବେଶ୍ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିରେ ପ ମ ଶ୍ରେଣୀ ଛାତ୍ର ଆୟାନ ମହାନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭୂମିକାରେ ଅବତାରଣା କରି ଉଚ୍ଚ ପ୍ରଶଂସିଲ

# ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କ ଅକାଳ ବିୟୋଗ

ଭୁବନେଶ୍ୱର,(ପି.ଏନ) : ଓଡ଼ିଶା ସାମ୍ବାଦିକ ଜଗତରେ ସୁପରିଚିତ, ନିଷ୍ଠାବାନ ବ୍ୟକ୍ତିତ୍ୱ ଓ ସଚ୍ଚୋଟ ସାମ୍ବାଦିକ ରତିକାନ୍ତ ମହାନ୍ତି ଆଉ ଇହଜଗତରେ ନାହାଁନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ବୟସ ହୋଇଥିଲା। ସ୍ୱର୍ଗତ ମହାନ୍ତି ଗତ କିଛିବର୍ଷ ଧରି କିଡ୍‌ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଗତ ଦୁଇଦିନ ତଳେ ତାଙ୍କୁ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭ କରାଯାଇଥିଲା। ଶନିବାର ପ୍ରତ୍ୟୁଷରେ ତାଙ୍କର ପରଲୋକ ଘଟିଛି। ସ୍ୱର୍ଗତ ମହାନ୍ତି ଦୀର୍ଘବର୍ଷ ଧରି ବିଭିନ୍ନ ସମ୍ବାଦପତ୍ର ଓ ଗଣମାଧ୍ୟମ ସଂସ୍ଥା ସହ ସକ୍ରିୟ ଭାବେ ଜଡ଼ିତ ରହିଥିଲେ ଏବଂ ଜଣେ ସମର୍ପିତ ଓ ନିଚ୍ଛକ ସାମ୍ବାଦିକ ଭାବେ ତାଙ୍କର ଲୋକପ୍ରିୟତା ସବୁ ମହଲରେ ରହିଥିଲା। ଦୈନିକ ସମ୍ବାଦପତ୍ର 'ଦିନଲିପି'ରୁ ସାମ୍ବାଦିକତା ଜୀବନ ଆରମ୍ଭ କରିଥିବା ସ୍ୱର୍ଗତ ମହାନ୍ତି ବିଭିନ୍ନ ସମୟରେ ନ୍ୟୁଜ୍ ଅଫ୍ ଦି ୱାର୍ଲଡ଼୍, ଏଜିଆନ ଏଜ୍, ପର୍ଯ୍ୟବେକ୍ଷକ ସମ୍ବାଦପତ୍ର ସହିତ ହିନ୍ଦୁସ୍ତାନ ସମାଚାର ଭଳି ସମ୍ବାଦ ସରବରାହ ସଂସ୍ଥାରେ ମଧ୍ୟ ସାମ୍ବାଦିକ ଭାବେ ଓତପ୍ରୋତଃ ଭାବେ ଜଡ଼ିତ ଥିଲେ। ନବେ ଦଶକରେ ସ୍ୱର୍ଗତ ମହାନ୍ତି ପାଇଥିବା ସରକାରୀ ବାସଗୃହକୁ ସେ ସ୍ୱେଚ୍ଛାକୃତ ଭାବେ ସରକାରଙ୍କୁ ଫେରାଇ ଦେଇଥିଲେ ଯେଉଁଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ତାଙ୍କୁ ଜଣେ ଆଦର୍ଶସ୍ଥାନୀୟ ସାମ୍ବାଦିକ ଭାବେ ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ୟୁନିଟ୍-୩ସ୍ଥିତ ଖାରବେଳ ନଗର ବାସଭବନରେ ରାଜଧାନୀର ସାମ୍ବାଦିକମାନେ ପହ ଥିଲେ। ମର ଶରୀର ହସ୍ପିଟାଲରୁ ଅଣାଯିବା ପରେ ତାଙ୍କ ବାସଭବନରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ସେଠାରେ ସାମ୍ବାଦିକ ମାନଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତା ଓ ବିଧାୟକମାନେ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଧାୟକ ଅନନ୍ତ ନାରାୟଣ ଜେନା, ବାବୁ ସିଂ, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ଦେବୀ ପ୍ରସାଦ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ଡଃ ଅରୁଣ କୁମାର ସାହୁ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖପାତ୍ର ଗୋଲକ ମହାପାତ୍ର, ଯତୀନ୍ଦ୍ର ମହାନ୍ତି, ସୁରଥ ବିଶ୍ୱାଳ, ସୁଦୀପ୍ତ ରାୟ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କମ୍ୟୁନିଷ୍ଟ ନେତା ସୁରେଶ ପାଣିଗ୍ରାହୀ, ମହେନ୍ଦ୍ର ପରିଡ଼ା, ଉମାକାନ୍ତ ପଟ୍ଟନାୟକ, ଦିନଲିପିର ପରିଚାଳନା କ ୃପକ୍ଷ ଅମରେନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟଙ୍କ ସମେତ ବିଭିନ୍ନ ଦଳର ନେତା ଓ କର୍ମୀ ସାମିଲ୍ ହୋଇ ଶେଷ ଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ ଦାସ ଓ ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାସ ଏବଂ ଭୁବନେଶ୍ୱର ଜିଲ୍ଲା ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ସ୍ୱର୍ଗତ ମହାନ୍ତିଙ୍କ ମର ଶରୀରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନୁରୂପ ଭାବେ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲ୍ଲୀପ ବିଶୋୟୀ, ପ୍ରଭୁ କଲ୍ୟାଣ ମହାପାତ୍ର, ସନ୍ଦୀପ ମିଶ୍ର, ଦେବୀ ପଟ୍ଟନାୟକ, କେ. ରବି, ବୀରୁପାକ୍ଷ ତ୍ରିପାଠୀ, ସଞ୍ଜୟ ଦାସ, ସର୍ବେଶ୍ୱର ବର୍ଦ୍ଧନ, ମହେଶ୍ୱର ରଥ, ବିପିନ ସିଂ, ପୁଲକ ଜେନା, ମାଧବାନନ୍ଦ ବେହୁରା, ଅଶୋକ ଦାସ, ଧୀରେନ୍ଦ୍ର ମିଶ୍ର, ବିବେକାନନ୍ଦ ଜେନା, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଶୁଭାଶିଷ ମହାନ୍ତି, ପବିତ୍ର ସେନାପତି, ଦେବକାନ୍ତ ମହାପାତ୍ର, ସିରାଜ ଅହମ୍ମଦ, ଉମେଶ ରାୟ, ଗିରିଜା ଦାଶ, ଜ୍ଞାନରଞ୍ଜନ ଦାସ, ସମନ୍ୱୟ ନନ୍ଦ, ଶିବାନନ୍ଦ ଦାସ, ଚିଦାନନ୍ଦ ଜେନା, ଲଳିତ ପଟ୍ଟନାୟକ, ଦୀପକ କର, ଦୁର୍ଗା ସାମନ୍ତରାୟ ପ୍ରମୁଖ ସ୍ୱର୍ଗତ ମହାନ୍ତିଙ୍କ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇକନ୍ୟା ପୂଜା, ବନ୍ଦନା, ପରିବାର ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତି ଦୀର୍ଘ ବର୍ଷ ଧରି ଦୈନିକ ପର୍ଯ୍ୟବେକ୍ଷର ମୁଖ୍ୟ ପ୍ରତିନିଧିଭାବେ କାର୍ଯ୍ୟ କରିଥିଲେ। ମହାମାରୀ କରୋନା ପରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କ ପରଲୋକରେ ପର୍ଯ୍ୟବେକ୍ଷକର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ରମୋହନ ସାମନ୍ତରାୟ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।



# ଦୁଇ ଦିନିଆ ମୟୁରଭଞ୍ଜ ଗସ୍ତରେ ପିସିସି ସଭାପତି ଭକ୍ତ ଦାସ

ଭୁବନେଶ୍ୱର(ପି.ଏନ): ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଦୁଇଦିନିଆ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଅଛନ୍ତି। ପ୍ରଥମ ଦିନରେ ଶ୍ରୀଯୁକ୍ତ ଦାସ ମୟୁରଭଞ୍ଜ (ପଶ୍ଚିମ) ସାଂଗଠନିକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ରାଇରଙ୍ଗପୁରର କଚେରୀ ପଡ଼ିଆ ଠାରେ ଆଦିବାସୀଙ୍କ ନ୍ୟାୟ ପାଇଁ ଅନୁଷ୍ଠିତ ବିଶାଳ ସାଧାରଣ ସଭାରେ ଯୋଗଦେଇଛନ୍ତି। ଆଦିବାସୀଙ୍କ ବିକାଶ ପାଇଁ ଢେଙ୍ଗୁରା ପିଟୁଥିବା ବିଜେପି ସରକାର ଗତ ୨୬ ମାର୍ଚ୍ଚ ଦିନ ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଂଚାୟତର ୪୩ଜଣ ଆଦିବାସୀ ପରିବାରଙ୍କୁ ବୁଲଡଜର ଲଗାଇ ବାସଚ୍ୟୁତ କରିଦେଇଛନ୍ତି। ଦାଣ୍ଡବୋଷ ଏୟାରଷ୍ଟ୍ରିପ ସମ୍ପ୍ରସାରଣ ନାମରେ ପ୍ରଶାସନ ନିରୀହ ଆଦିବାସୀଙ୍କ ଉପରେ ଦାଉ ସାଧୁଛି ବୋଲି ସେ ଯୋଗଦେଇ କହିଥିଲେ। ଉକ୍ତ ପରିବାର ଗୁଡ଼ିକ ୪୦ ବର୍ଷରୁ ଅଧିକ ସମୟ ଧରି ଚାରଣଭୂମିରେ ରହୁଥିଲେ। ପ୍ରଶାସନ କୌଣସି ଉଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରିବାପୂର୍ବରୁ ଅନୁସୂଚିତ ଅଂଚଳରେ ବାଧ୍ୟତାମୂଳକ ଗ୍ରାମସଭା କରିନଥିଲା। ବିସ୍ଥାପନ ପୂର୍ବରୁ ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଦିଆଯାଇନଥିଲା। ପ୍ରକୃତରେ ୩୦ ଦିନର ନୋଟିସ ଅବଧିରୁ ୮ ଦିନ ପରେ ଘରଭାଙ୍ଗି ଦିଆଯାଇଥିଲା। ସେମାନଙ୍କୁ ଗୋଟିଏ ସପ୍ତାହ ପାଇଁ କୌଣସି ପଲିଥିନ ଦିଆଯାଇ ନଥିଲା। ଭୋକ ଉପାସ ଏବଂ ମୁଣ୍ଡଫଟା ଖରାରେ ୪୦ ଟି ଆଦିବାସୀ ପରିବାର ଭୋକ ଉପାସରେ ଆଉଟପାଉଟ ହେଉଥିଲେ। ଜିଲ୍ଲା ପ୍ରଶାସନର ଏଭଳି ଅମାନବୀୟ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ଶ୍ରୀଯୁକ୍ତ ଦାସ। ସେ ଆହୁରି କହିଥିଲେ ଯେ ଏହା ମହାମହୀମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନିଜ ଅଂଚଳ। ଯେଉଁମାନେ ବିସ୍ଥାପିତ ହେଲେ ସେମାନେ ଆଦିବାସୀ ବର୍ଗର ଲୋକ। ସୁତରାଂ ସେମାନଙ୍କୁ ବିସ୍ଥାପନ କରିବାପାଇଁ ସରକାର ସାହସ ପାଇଲେ କେଉଁଠୁ? ଏହା ମହାମହୀମ ରାଷ୍ଟ୍ରପତିଙ୍କ ପ୍ରତି ଘୋର ଅପମାନ। ସେ ଦାଣ୍ଡବୋଷରେ ଥିବା ପ୍ରଖ୍ୟାତ ସାନ୍ତାଳୀ ଭାଷାବିତ କିମ୍ବଦନ୍ତୀ ପୁରୁଷ ରଘୁନାଥ ମୁର୍ମୁଙ୍କ ସମାଧି ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦାଣ୍ଡବୋଷକୁ ଏକ ଐତିହ୍ୟ ଗ୍ରାମ ଘୋଷଣା କରିବାକୁ ମଧ୍ୟ ଦାବି କରିଥିଲେ। ସମସ୍ତ କ୍ଷତିଗସ୍ତ ଓ ବାସଚ୍ୟୁତ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବାକୁ ଶ୍ରୀ ଦାସ ଦାବି କରିଛନ୍ତି। ଭାଙ୍ଗି ଦିଆଯାଇଥିବା ଘରଗୁଡ଼ିକୁ ସରକାରଙ୍କ ସହାୟତାରେ ପୁନଃନିର୍ମାଣ କରାଯାଉ। କୋର୍ଟ ଜ୍ଞାତସାରରେ ଗ୍ରାମସଭା ଆୟୋଜନ କରାଯାଇ ତାର ନିଷ୍ପତି ଅନୁଯାୟୀ ପରବର୍ତୀ ପଦକ୍ଷେପ ଗ୍ରହଣ କରାଯାଉ। ଯେଉଁ ଅଧିକାରୀମାନେ ଅମାନୁଷିକ ଭାବରେ ବିସ୍ଥାପିତ ଆଦିବାସୀଙ୍କ ଉପରେ ଯେଉଁ ଅତ୍ୟାଚାର କଲେ ସେମାନଙ୍କ ଉପରେ ପେଷା ଆଇନ ଓ ଗ୍ରାମସଭାକୁ ଅବମାନନା ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନିଆଯାଉ। ଏହି ଅବସରରେ ଶ୍ରୀ ଦାସ ରୁଙ୍ଗଟା ପ୍ରକଳ୍ପରୁ ବିସ୍ଥାପିତ ହେବାର ସମ୍ଭାବନା ଥିବା ଆନନ୍ଦପୁରର ଗ୍ରାମବାସୀଙ୍କ ଭେଟିଥିଲେ ଏବଂ ସେମାନଙ୍କର ଥଇଥାନ ଏବଂ ଆବାସ ପାଇଁ ଦୃଢ଼ ଦାବି କରିବେ ବୋଲି କହିଥିଲେ। ବିଶାଳ ସାଧାରଣ ସଭାକୁ ସମ୍ବୋଧିତ କରିବାପୂର୍ବରୁ ପିଚୁକୋଳି ଡାକବଙ୍ଗଳା ଠାରେ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ବିସ୍ଥାପିତ ପରିବାରର ଲୋକମାନଙ୍କୁ ଭେଟିଥିଲେ। ଏହାପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଜଗନ୍ନାଥ ମନ୍ଦିର ଦର୍ଶନ କରିବା ସହ ବଜାର ପରିକ୍ରମ କରିଥିଲେ। ଓ ମହାତ୍ମା ଗାନ୍ଧୀ ଏବଂ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ ଏବଂ ଏକ ଜନସମ୍ପର୍କ ପଦଯାତ୍ରାରେ ସଭାସ୍ଥଳକୁ ଯାଇଥିଲେ। ଏଠାରେ ଉଲ୍ଲେଖ୍ୟ ଯୋଗ୍ୟ ଯେ ପୋଖରିଆ ଗାଁର ୪୩ ଆଦିବାସୀ ପରିବାରକୁ ପ୍ରଶାସନ ବୁଲଡଜର ଲଗାଇ ବାସଚ୍ୟୁତ କରିବାର ଖବର ପାଇ ପିସିସି ସଭାପତି ଶ୍ରୀ ଦାସ ପିସିସିର ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ଘୋଷଣା କରିଥିଲେ ଏବଂ ଉକ୍ତ କମିଟି ସଂପୃକ୍ତ ସ୍ଥାନକୁ ପରିଦର୍ଶନ କରି ପିସିସି ସଭାପତି ଶ୍ରୀଯୁକ୍ତ ଦାସଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁଙ୍କ ସଭାପତିତ୍ୱରେ ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ବିରୋଧି ଦଳ ଉପନେତା ଶ୍ରୀ ଅଶୋକ ଦାସ, ପୂର୍ବତନ ସିଡବ୍ଲୁସି ଅଧକ୍ଷ ସୁଶିଳା ତିରିଆ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ପୂର୍ବତନ ବିଧାୟକ ଶ୍ୟାମଚରଣ ହାଂସଦା, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତି, ପିସିସି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ମହାନ୍ତି, ବିଧାୟକ ପ୍ରାର୍ଥୀ ଯୋଗେନ୍ଦ୍ର ବାନରା, ଲକ୍ଷ୍ମୀଧର ସିଂ, କ୍ଷିରୋଦ ଚନ୍ଦ୍ର ପାତ୍ର, ବରିଷ୍ଠ କଂଗ୍ରେସ ନେତା ଅନନ୍ତ ଖୁଂଟିଆ, ଜବାମଣି ଟୁଡୁ, ବେରେଇ ସିକ୍ରା, ଗୋଲକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray